R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୯
ତିଥି: ଚତୁର୍ଥୀ
୧୩ ନଭେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
13 November 2026, Friday

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ରାଜ୍ୟସ୍ତରୀୟ ସୁରଭି ୨୦୨୬ ଉଦ୍‌ଘାଟିତ

ଡିଗ୍ରୀ ନୁହେଁ ବରଂ ଦକ୍ଷତା ହିଁ ରୋଜଗାରର ଗ୍ୟାରେଣ୍ଟି : ମୁଖ୍ୟମନ୍ତ୍ରୀ



- ଏକାଠି ହେଲେ ରାଜ୍ୟର ୨,୫୦୦ରୁ ଅଧିକ ମେଧାବୀ ଛାତ୍ରଛାତ୍ରୀ
- ୩୨ ଜିଲ୍ଲାକୁ ସମ୍ମାନଜନକ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'
- ୩୭୫ ଜଣଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'
- ୭,୩୫୦ ମେଧାବୀଙ୍କୁ 'ଓଡ଼ିଆ ଭାଷା ବୃତ୍ତି' ପ୍ରଦାନ

ଭୁବନେଶ୍ୱର, ୧୨ ।୧୧ (ସବୁ୍ୟ) : ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସ୍ୱପ୍ନ, ସୃଜନଶୀଳତା ଏବଂ ଅସୀମ ସମ୍ଭାବନାର ଏକ ମହାମିଳନ ଭାବେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬" ଆଜି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ରାଜ୍ୟସ୍ତରୀୟ ସମାରୋହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ।

ଏହି ଗୌରବମୟ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ଶିକ୍ଷକ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ସମେତ ନବରଙ୍ଗପୁର, କଟକ, କଳାହାଣ୍ଡି ଜିଲ୍ଲାକୁ ସମ୍ମାନଜନକ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରିବା ସହିତ ମାତୃଭାଷା ଓଡ଼ିଆର ପ୍ରଚାର ଓ ପ୍ରସାର ପାଇଁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ବିତରଣ କରିଛନ୍ତି । ଏଥିସହିତ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ନିମନ୍ତେ 'ନିପୁଣ ଆପ୍'ର ଲୋକାର୍ପଣ ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ସହ ଯୋଡ଼ିବା ପାଇଁ ରାଜ୍ୟର ୮୦୭ଟି ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି । ଏଥିପାଇଁ ୧୬୪.୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି ।

ଚଳିତ ବର୍ଷର ରାଜ୍ୟସ୍ତରୀୟ 'ସୁରଭି-୨୦୨୬' (୯ ପୃଷ୍ଠାରେ)

ଅକ୍ଟୋବରରେ ସର୍ବୋଚ୍ଚ ସ୍ତରରେ ମୁଦ୍ରାସ୍ଫୀତି

ଖୁଚୁରା ମୁଦ୍ରାସ୍ଫୀତି ୬.୦୯%କୁ ବୃଦ୍ଧି



- ପିଆଜ ମୂଲ୍ୟରେ ୧୧.୬% ବୃଦ୍ଧି ଘଟିଛି
- ଆରବିଆଇର ଧାର୍ଯ୍ୟ ସୀମା ଟପିଲା

ନୂଆଦିଲ୍ଲୀ, ୧୨ ।୧୧ : ଦେଶରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଯୋଗୁଁ ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବର ମାସରେ ତୀବ୍ର ବୃଦ୍ଧି ପାଇ ୬.୦୯ ପ୍ରତିଶତରେ ପହଞ୍ଚିଛି । ଏହା ଗତ ୨ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର। ଏଥିସହ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଧାର୍ଯ୍ୟ କରିଥିବା ୬ ପ୍ରତିଶତର ଉଚ୍ଚସୀମାକୁ ମୁଦ୍ରାସ୍ଫୀତି ଅତିକ୍ରମ କରିଛି । ୨୦୨୪ ଅକ୍ଟୋବର ପରେ ପ୍ରଥମ ଥର ପାଇଁ ଏଭଳି ସ୍ଥିତି ଉପୁଜିଛି । ବିଶେଷକରି ପନିପରିବା ଓ ଖାଦ୍ୟ ସାମଗ୍ରୀ ଦାମ୍ ବୃଦ୍ଧିର ପ୍ରମୁଖ କାରଣ ହୋଇଛି । ଅକ୍ଟୋବରରେ ଲେମ୍ବୁ, ରସୁଣ ଓ ପିଆଜ ମହଙ୍ଗା ହୋଇଛି । ଲେମ୍ବୁର ମହଙ୍ଗା ହାର ୩୬.୪୧%ରୁ ୪୭.୩୦%ରେ ପହଞ୍ଚିଛି । ରସୁଣ ୫୪.୬୨%ରୁ ୬୦.୭୪% ଓ ପିଆଜ ୧୦୮.୧୩%ରୁ ୧୧୬.୨୨% ହୋଇଛି । ଖାଦ୍ୟ ଓ ପାନୀୟ ସାମଗ୍ରୀରେ ମହଙ୍ଗା ହାର ସେପ୍ଟେମ୍ବରରେ ୬.୭୪% ଥିବାବେଳେ ଅକ୍ଟୋବରରେ ୮.୯୪% ହୋଇଛି । ଗ୍ରାମାଞ୍ଚଳରେ ମହଙ୍ଗା ହାର ୬.୯୮%ରୁ ୬.୬୩%କୁ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ୪.୮୮%ରୁ ୫.୪୧% ହୋଇଛି ।

ସେପ୍ଟେମ୍ବର ମାସରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୫.୫୪ ପ୍ରତିଶତ ରହିଥିଲା । ଅକ୍ଟୋବରରେ (୯ ପୃଷ୍ଠାରେ)

ରାଜ୍ୟରେ ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର, ୧୨ ।୧୧ (ସବୁ୍ୟ) : ରାଜ୍ୟ ସରକାର ବସ୍ ଭଡା ବୃଦ୍ଧି କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣବର୍ଗ ବସ୍ ଠାରୁ ଆରମ୍ଭ କରି ସୁପର ପ୍ରିମିୟମ୍ ଫୁଲି ସ୍ଲିପର ଏସି କୋଚ୍ ବସ୍‌ଭଡାରେ ବୃଦ୍ଧି ହୋଇଛି । ପ୍ରାୟ ୩୦% ବସ୍ ଭଡା ବଢ଼ିଥିବା ସୂଚନା ମିଳିଛି । ତେବେ ବସ୍ ଭଡା ବୃଦ୍ଧି ତାଲିକାରେ ସେମି ଡିଲକ୍ସ କାଟାଗୋରୀ ପ୍ରଥମ ଥର ଲାଗି ଯୋଡ଼ି ହୋଇଛି ।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଅର୍ଡିନାରୀ ବସ୍‌ର କିଲୋମିଟର ପିଛା ଭଡ଼ା ୯୨ ପଇସାରୁ ବୃଦ୍ଧି ପାଇ ୧ ଟଙ୍କା ୧୮ ପଇସା ହୋଇଛି । ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା ୯୬ ପଇସାରୁ ବଢ଼ି ୧ ଟଙ୍କା ୨୪ ପଇସା ହୋଇଛି । ପ୍ରଥମ ଥର ପାଇଁ ବସ୍ ଭଡ଼ା ତାଲିକାରେ ସେମି ଡିଲକ୍ସ ପର୍ଯ୍ୟାୟକୁ ସାମିଲ କରାଯାଇଛି । ଏହି ବର୍ଗର ବସ୍ ପାଇଁ କିଲୋମିଟର ପିଛା ୧ ଟଙ୍କା ୩୦ ପଇସା ଧାର୍ଯ୍ୟ କରାଯାଇଛି ।

ଅନ୍ୟପକ୍ଷରେ, ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୩୫ ପଇସାରୁ ବୃଦ୍ଧି ପାଇ ୧ ଟଙ୍କା ୪୧ ପଇସା ହୋଇଥିବା ବେଳେ, ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୬୩ ପଇସାରୁ ୧ ଟଙ୍କା ୯୯ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ସୁପର ପ୍ରିମିୟମ୍ ବସ୍ ଭଡ଼ା ୨ ଟଙ୍କା ୫୩ ପଇସାରୁ ବଢ଼ି ୩ ଟଙ୍କା ୨୧ ପଇସା ହୋଇଛି । ସୁପର ପ୍ରିମିୟମ୍ ଡିଲକ୍ସ ବସ୍ ଭଡ଼ା ୩ ଟଙ୍କା ୫୦ ପଇସାରୁ ବୃଦ୍ଧି ପାଇ ୪ ଟଙ୍କା ୬୧ ପଇସା ହୋଇଛି । ସ୍ଲିପର ଏସି କୋଚ୍ ପାଇଁ ମଧ୍ୟ କିଲୋମିଟର ପିଛା ୪ ଟଙ୍କା ୬୧ ପଇସା ଭଡ଼ା ଧାର୍ଯ୍ୟ କରାଯାଇଛି ।

ସୂଚନା ଅନୁଯାୟୀ, ବସ୍ ରକ୍ଷଣାବେକ୍ଷଣ, ବୀମା, ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଦୀର୍ଘଦିନ ଧରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଭଡ଼ା ବୃଦ୍ଧି ପାଇଁ ଦାବି ହୋଇଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ସରକାର (୯ ପୃଷ୍ଠାରେ)

ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ଯୋଜନା

ସମ୍ବିଧାନ ସଂଶୋଧନ ବିଲ୍ ପାରିତ ଲକ୍ଷ୍ୟ



- ସତ୍ର ଅବସାନ ଘୋଷଣା ହୋଇନି ମୌସୁମୀ ଅଧିବେଶନର
- ପୁଣି ଆସିପାରେ ସୀମା ପୁନଃନିର୍ଦ୍ଧାରଣ ବିଲ୍

ନୂଆଦିଲ୍ଲୀ, ୧୨ ।୧୧ : ସମ୍ବିଧାନ ସଂଶୋଧନ ବିଲ୍ ସହ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ କରିବାକୁ ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ସରକାର ବିଚାର କରୁଛନ୍ତି । ଯେ କୌଣସି ମୁହୂର୍ତ୍ତରେ ଏହି ଅଧିବେଶନ ଡକାଯାଇପାରେ । ସଂସଦର ମୌସୁମୀ ଅଧିବେଶନ ସରିଥିଲେ ସୁଦ୍ଧା ଏବେସୁଦ୍ଧା ସତ୍ର ଅବସାନ ଘୋଷଣା କରାଯାଇନାହିଁ । ଫଳରେ ସ୍ୱତନ୍ତ୍ର ଅଧିବେଶନ ଡାକିବା ନେଇ କଳ୍ପନା ଜଳ୍ପନା ଜୋର ଧରିଛି । ସୂତ୍ର ଅନୁଯାୟୀ ସରକାର ଏଥର ବିଲ୍‌ଟିକୁ ପାରିତ କରାଇବାରେ ବେଶ୍ ଆଶାବାଦୀ ଅଛନ୍ତି । ୧୫ରୁ ୧୮ ଭୋଟ୍ ବ୍ୟବଧାନରେ ସରକାର ଜିତିବେ ବୋଲି ଆତ୍ମବିଶ୍ୱାସୀ ଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଚି ।

ପ୍ରସ୍ତାବିତ ସଂଶୋଧନ ଅନୁସାରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ମାଧ୍ୟମରେ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ବଢ଼ାଇ ୮୫୦ କରିବାକୁ ଲକ୍ଷ୍ୟ ରଖିଛନ୍ତି । ବିଲ୍ ପାସ୍ ହେଲେ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ଲାଗି ୩୩% ଆରକ୍ଷଣ ସୁବିଧା ଲାଗୁ କରାଯିବ । ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବାକୁ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ । ୩୬୧ଟି ଭୋଟ୍‌ର ଆବଶ୍ୟକତା ରହିଛି । ୫୪୩ ସଦସ୍ୟ ବିଶିଷ୍ଟ ଲୋକସଭାରେ ବର୍ତ୍ତମାନ ୩ଟି ଆସନ ଖାଲି ମଧ୍ୟ ରହିଛି । ପୂର୍ବରୁ ସରକାର ଏହି ସଂଶୋଧନ ବିଲ୍‌କୁ ଗତ ବଜେଟ୍ ଅଧିବେଶନ ଏପ୍ରିଲ ୧୭ରେ ପାସ୍ କରାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଆବଶ୍ୟକୀୟ ସଂଖ୍ୟା ଯୋଗାଡ ନ ହେବାରୁ ବିଲ୍‌ଟି ପାସ୍ ହୋଇପାରିନଥିଲା । ଏଥର ସ୍ୱତନ୍ତ୍ର ଅଧିବେଶନ ଖୁବ୍ କମ୍ ସମୟ ନୋଟିସ୍‌ରେ ଡକାଯିବ । ମୌସୁମୀ ଅଧିବେଶନକୁ ଅଗଷ୍ଟ ୧୩ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ (୯ ପୃଷ୍ଠାରେ)

ଆଜି ଲଘୁଚାପ, ୧୫ରେ ଅବପାତ

ବାତ୍ୟା ସ୍ପଷ୍ଟ, ଦିଗ ଅସ୍ପଷ୍ଟ

ଭୁବନେଶ୍ୱର, ୧୨ ।୧୧ (ସବୁ୍ୟ) : ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ସୃଷ୍ଟି ନେଇ ସ୍ପଷ୍ଟ କରିଛି ପାଣିପାଗ ବିଭାଗ । କିନ୍ତୁ ଏହାର ଦିଗ ଏବଂ ତୀବ୍ରତା କେତେ ରହିବ, ତାହା ଅସ୍ପଷ୍ଟ ରହିଛି । ବିଭିନ୍ନ ମଡେଲଗୁଡ଼ିକର ଆକଳନ ଯେ ବାତ୍ୟା ସୃଷ୍ଟି ହେବାପରେ ଏହା ବାଂଲାଦେଶରୁ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇପାରେ । ତେବେ ଗୋଟିଏ ମଡେଲର ଆକଳନ ଅନୁସାରେ, ସମ୍ଭାବ୍ୟ ବାତ୍ୟା ଦକ୍ଷିଣ ଆନ୍ଧ୍ରପ୍ରଦେଶରୁ ଉତ୍ତର ତାମିଲନାଡୁ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ୧୫ ତାରିଖ ବେଳକୁ ଏହାର ଦିଗ ଓ ତୀବ୍ରତା ସ୍ପଷ୍ଟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି ।

ପାଣିପାଗ ବିଭାଗର କହିବା ଅନୁସାରେ, କେନ୍ଦ୍ରୀୟ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ରହିଛି । ଦକ୍ଷିଣପୂର୍ବ ବଙ୍ଗୋପସାଗର ଉପରେ ଆସନ୍ତାକାଲି (ଶୁକ୍ରବାର) ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବା ସହ ୧୪ ତାରିଖରେ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ । ୧୫ ତାରିଖ ବେଳକୁ ଏହା (୯ ପୃଷ୍ଠାରେ)

ଅଧିକାଂଶ ମଡେଲର ଭିନ୍ନ ମତ

୧୭ ବେଳକୁ ଓଡ଼ିଶାରେ ବର୍ଷା

ନିଖୋଜ ଦୁଇ ଏସ୍‌ପିଓଙ୍କ ମୃତଦେହ ଉଦ୍ଧାର

ଆତଙ୍କବାଦୀ ଗୁଳିମାଡ଼ କରିଥିବା ସନ୍ଦେହ

ଶ୍ରୀନଗର, ୧୨ ।୧୧ : ଜମ୍ମୁ-କଶ୍ମୀରର କିସ୍ତୱାଡ଼ ଜିଲ୍ଲାର ଦୁର୍ଗମ ଦାଚ୍ଛନ-ମରୱାହ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ନିଖୋଜ ହୋଇଥିବା ୨ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ)ଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର ହୋଇଛି । ଧେର୍ନା ପୋଷ୍ଟ ନିକଟରୁ ସନ୍ଧାନୀ ଦଳ ସେମାନଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ଦୁଇଜଣ ହେଲେ ରଶପାଲ କୁମାର (୪୦) ଓ ବାବି ଚାନ୍ଦ (୫୪) ।

ପ୍ରାଥମିକ ସୂଚନା ଅନୁଯାୟୀ, ଉଭୟ ଏସ୍‌ପିଓ ସେନା ସହ ପାଟ୍ରୋଲିଂ ଡ୍ୟୁଟିରେ ଥିଲେ । ଧେର୍ନା ପୋଷ୍ଟରେ ଡ୍ୟୁଟି କରୁଥିବା ଅନ୍ୟ ଦୁଇ ସହକର୍ମୀଙ୍କୁ ବଦଳାଇବା ପାଇଁ ଯାଉଥିବା ସମୟରେ ସେମାନେ ନିଖୋଜ ହୋଇଯାଇଥିଲେ । ଅଞ୍ଚଳରେ ଆତଙ୍କବାଦୀମାନେ ଆମ୍ବୁସ୍ ଲଗାଇଥିବା ଏବଂ ଏହି ସମୟରେ ଗୁଳିମାଡ଼ କରିଥିବା ସନ୍ଦେହ କରାଯାଉଛି ।

ଉଦ୍ଧାର ହୋଇଥିବା ମୃତଦେହରେ ଏକାଧିକ ଗୁଳି ଚିହ୍ନ ରହିଛି । ଜଣଙ୍କ ମୁଣ୍ଡରେ ଏବଂ ଅନ୍ୟଜଣଙ୍କ ପିଠିରେ ଗୁଳି ଲାଗିଥିବା ଜଣାପଡ଼ିଛି । ସେମାନଙ୍କ ପାଖରେ ଥିବା ଇନ୍‌ସାସ୍ ଓ ୩୦୩ ରାଇଫଲ ମଧ୍ୟ ନିଖୋଜ ରହିଛି । ହତ୍ୟା ପରେ ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ନେଇଯାଇଥିବା ଆଶଙ୍କା କରାଯାଉଛି । ସୂତ୍ର ଅନୁଯାୟୀ, ଦିନବେଳେ ଏହି ଅଞ୍ଚଳରେ ଗୁଳି ଶବ୍ଦ ଶୁଣାଯାଇଥିଲା । ପ୍ରଥମେ ଉଭୟଙ୍କ ମୋବାଇଲ ଫୋନ୍ ସଂଯୋଗ ହେଉଥିଲା, କିନ୍ତୁ ପରେ ଫୋନ୍ ବନ୍ଦ ହୋଇଯାଇଥିଲା । (୯ ପୃଷ୍ଠାରେ)

ବିଦେଶୀ ପର୍ଯ୍ୟଟକଙ୍କ ଲାଗି ଭାରତର ଭିସା ନିୟମରେ ବଡ଼ ପରିବର୍ତ୍ତନ



ଟୁରିଷ୍ଟ ଭିସାର ନାମ ବଦଳି ହେଲା 'ଭିଜିଟର ଭିସା'; ଭି-୧ ଓ ଭି-୨ ଦୁଇଟି ବର୍ଗ

ନୂଆଦିଲ୍ଲୀ, ୧୨ ।୧୧ : ଭାରତକୁ ଆସୁଥିବା ବିଦେଶୀ ଯାତ୍ରୀଙ୍କ ପାଇଁ ଭିସା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର । ପୂର୍ବରୁ ପ୍ରଚଳିତ ଟୁରିଷ୍ଟ ଭିସାର ନାମ ପରିବର୍ତ୍ତନ କରି ଏହାକୁ 'ଭିଜିଟର ଭିସା' କରାଯାଇଛି । ଏହାକୁ ଦୁଇଟି ଉପବର୍ଗ ଭି-୧ ଓ ଭି-୨ରେ ବିଭକ୍ତ କରାଯାଇଛି ।

ନୂତନ ବ୍ୟବସ୍ଥାରେ ପର୍ଯ୍ୟଟନ ସହ ବିଭିନ୍ନ ସ୍ୱଳ୍ପକାଳୀନ କାର୍ଯ୍ୟକଳାପକୁ ଏହି ଭିସା ଅଧୀନରେ ସାମିଲ କରାଯାଇଛି ।

ଭାରତର ବିଭିନ୍ନ ରାଜ୍ୟର ସଂସ୍କୃତି, ଖାଦ୍ୟ ଓ ପରମ୍ପରା ଅନୁଭବ କରିବା, ବ୍ୟବସାୟିକ ବୈଠକରେ ଯୋଗଦେବା, ଡାକ୍ତରୀ ପରାମର୍ଶ ନେବା କିମ୍ବା ଭାରତୀୟ କଳା ଶିଖିବା ପାଇଁ ବିଦେଶୀ ନାଗରିକମାନେ ଏହି ଭିସାରେ ଭାରତ ଆସିପାରିବେ । ଭିସା ବ୍ୟବସ୍ଥାକୁ ସରଳ କରିବା ଏବଂ ଆବେଦନ ପ୍ରକ୍ରିୟାରେ ଅନାବଶ୍ୟକ ଜଟିଳତା ହ୍ରାସ କରିବା ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ।

ଭି-୧ ଭିସା ସ୍ୱଳ୍ପକାଳୀନ ଯାତ୍ରା ପାଇଁ ଉଦ୍ଦିଷ୍ଟ । ଏହା ୩୦ ଦିନ ପାଇଁ ମିଳିବ ଏବଂ ଏହି ସମୟ ମଧ୍ୟରେ ଏକାଧିକ ଥର ଭାରତ ପ୍ରବେଶ କରିବାର ସୁବିଧା ରହିବ । ଏହି ଭିସାରେ ବ୍ୟବସାୟିକ ବୈଠକ, ଡାକ୍ତରୀ ବିଶେଷଜ୍ଞଙ୍କ ପରାମର୍ଶ, ରିଟ୍ରିଟ୍, ବିଭିନ୍ନ ଅନୁଭୂତିମୂଳକ କାର୍ଯ୍ୟକ୍ରମ ଏବଂ ଭାରତୀୟ ଭାଷା, ସଙ୍ଗୀତ, କଳା ଓ ହସ୍ତଶିଳ୍ପ ସମ୍ବନ୍ଧୀୟ ସ୍ୱଳ୍ପକାଳୀନ ପାଠ୍ୟକ୍ରମରେ ଯୋଗଦେବାର ସୁଯୋଗ ରହିଛି । ଦୀର୍ଘକାଳୀନ କିମ୍ବା ବାରମ୍ବାର ଭାରତ ଆସିବାକୁ ଯୋଜନା କରୁଥିବା ବିଦେଶୀ ଯାତ୍ରୀଙ୍କ ପାଇଁ ଭି-୨ ଭିସା ବ୍ୟବସ୍ଥା କରାଯାଇଛି । ଏହା ୧ ବର୍ଷ, ୫ ବର୍ଷ କିମ୍ବା ୧୦ ବର୍ଷ ପାଇଁ ବୈଧ ରହିବ ।

ଭି-୧ ଭିସାରେ ଅନୁମତିପ୍ରାପ୍ତ ସମସ୍ତ କାର୍ଯ୍ୟକଳାପ ସହ ଏହି ଭିସାରେ ପର୍ବତାରୋହଣ କରିବାର ସୁବିଧା ମଧ୍ୟ ରହିଛି । ପର୍ବତାରୋହଣ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏହି ଉଦ୍ଦେଶ୍ୟରେ ଆବେଦନକାରୀଙ୍କୁ ୬ ମାସର ଏକାଧିକ ପ୍ରବେଶଯୋଗ୍ୟ ଭିସା ପ୍ରଦାନ (୯ ପୃଷ୍ଠାରେ)



ମାଛଙ୍କୁ ସୁରକ୍ଷା ଦେଉଛି ରୋବଟ



ନରୱେର ସାଲମନ୍ ମାଛ ଚାଷୀମାନେ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ମାଛମାନଙ୍କୁ କ୍ଷତି ପହଞ୍ଚାଉଥିବା 'ସି ଲାଇସ୍' ବା ସାମୁଦ୍ରିକ ଉକୁଣୀ ମାରିବା ପାଇଁ ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ସେମାନେ ଲେଜର ଏବଂ ଏଆଇ ପରିଚାଳିତ ବୁଡ଼ାଜାହାଜ ରୋବଟକୁ ଏଥିପାଇଁ ବ୍ୟବହାର କରୁଛନ୍ତି । ଓସଲୋ-ଭିତ୍ତିକ 'ଷ୍ଟିଙ୍ଗରେ ମେରାଇନ୍ ସଲ୍ୟୁସନ୍ସ'ର ବାର୍ଷିକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ୩, ୫୦୦ରୁ ଅଧିକ ୟୁନିଟ୍ କାର୍ଯ୍ୟକ୍ଷମ ହୋଇ ୧୧୨ ନିୟୁତରୁ ଅଧିକ ମାଛଙ୍କୁ ସୁରକ୍ଷା ଦେଉଛି । ଗତ ଏକ ବର୍ଷ ମଧ୍ୟରେ ୧,୦୦୦ରୁ ଅଧିକ ସ୍ଥାନରେ ଏହାର ନିୟୋଜନ ସହ ଏହା ଏହି ଅଞ୍ଚଳର ଅନ୍ୟତମ ବୃହତ୍ତମ ବାଣିଜ୍ୟିକ ଏଆଇ ପ୍ରୟୋଗ ପାଲଟିଛି । ଏହି ପ୍ରଯୁକ୍ତିବିଦ୍ୟା ମାଛମାନଙ୍କୁ ରାସାୟନିକ ସ୍ନାନ କରାଇବା ପରିବର୍ତ୍ତେ ଏଆଇ ମାଧ୍ୟମରେ ଉକୁଣୀ ଚିହ୍ନଟ କରି ଲେଜର ଦ୍ୱାରା ନଷ୍ଟ କରିଥାଏ । ଯାହାଦ୍ୱାରା ମାଛଙ୍କ ବୃଦ୍ଧି ଓ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ମୃତ୍ୟୁହାର ହ୍ରାସ ପାଇଥାଏ । ପରିବେଶ ଓ ଖାଦ୍ୟ ଉତ୍ପାଦନରେ ବିଷାକ୍ତ ପଦାର୍ଥର ବିପଦ ଦୂର ହୋଇଥାଏ । ଷ୍ଟିଙ୍ଗରେ ସିଇଓ ଜନ୍ ଆର୍ନେ ବ୍ରେଭିକଙ୍କ କହିବାନୁସାରେ, ଏହି ରୋବଟ୍‌ଗୁଡ଼ିକ ବର୍ତ୍ତମାନ ନରୱେର ପ୍ରାୟ ୨୦ରୁ ୨୫ ପ୍ରତିଶତ ଚାଷ କରାଯାଉଥିବା ସାଲମନ୍ ମାଛଙ୍କୁ ସୁରକ୍ଷା ଦେଉଛନ୍ତି। କମ୍ପାନୀ ଉପକୂଳରୁ ଦିନରାତି ପ୍ରାୟ ୧୫,୦୦୦ କ୍ୟାମେରାର ଡାଟା ଲାଇଭଷ୍ଟ୍ରିମ୍ କରି ସିଷ୍ଟମରେ ନିରନ୍ତର ଉନ୍ନତି ଆଣୁଛି । ତେବେ ପ୍ରାରମ୍ଭିକ ଖର୍ଚ୍ଚ ଅଧିକ ହେବା ଏବଂ ଅନ୍ଧାରିଆ କୋଣ କିମ୍ବା ସୀମା ବାହାରେ ଉକୁଣୀ ଲୁଚି ରହିବାର ସମ୍ଭାବନା ଥିବାରୁ ଏହା ମୁଖ୍ୟତଃ ଏକ ପ୍ରତିରୋଧକ ବ୍ୟବସ୍ଥା ଭାବେ ସର୍ବୋତ୍ତମ କାର୍ଯ୍ୟ କରିଥାଏ ବୋଲି ଜଣାପଡ଼ିଛି ।

ସବୁଠାରୁ ଛୋଟ ମସ୍ତିଷ୍କ ପ୍ରତ୍ୟାରୋପଣ



କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୁଣ ଦାନାଠାରୁ ମଧ୍ୟ କ୍ଷୁଦ୍ର ଏକ ମାଇକ୍ରୋସ୍କୋପିକ୍ ବ୍ରେନ୍ ଇମ୍ପ୍ଲାଣ୍ଟ ବା ମସ୍ତିଷ୍କ ପ୍ରତ୍ୟାରୋପଣ ବିକଶିତ କରିଛନ୍ତି । ଯାହା ଏକ ଜୀବନ୍ତ ପ୍ରାଣୀର ମସ୍ତିଷ୍କର ସ୍ନାୟବିକ କାର୍ଯ୍ୟକଳାପକୁ ଏକ ବର୍ଷରୁ ଅଧିକ ସମୟ ଧରି ବିନା ତାରରେ ପ୍ରେରଣ କରିପାରିବ । 'ନେଚର ଇଲେକ୍ଟ୍ରୋନିକ୍ସ' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, 'ମାଇକ୍ରୋସ୍କେଲ୍ ଅପ୍ଟୋଇଲେକ୍ଟ୍ରୋନିକ୍ ଟେଦରଲେସ୍ ଇଲେକ୍ଟ୍ରୋଡ୍' ବା 'ମୋଟ୍' ନାମକ ଏହି ଯନ୍ତ୍ରଟି ମାତ୍ର ୩୦୦ ମାଇକ୍ରନ୍ ଲମ୍ବା ଏବଂ ୭୦ ମାଇକ୍ରନ୍ ଚଉଡ଼ା । ଏହା ମସ୍ତିଷ୍କ ଟିସୁ ଦେଇ କ୍ଷତି ନ ପହଞ୍ଚାଇ ପ୍ରବାହିତ ହେଉଥିବା ଲାଲ୍ ଏବଂ ଇନଫ୍ରାରେଡ୍ ଲେଜର ରଶ୍ମିରୁ ଶକ୍ତି ଗ୍ରହଣ କରେ ଏବଂ ଇନଫ୍ରାରେଡ୍ ଆଲୋକ ତରଙ୍ଗ ମାଧ୍ୟମରେ ମସ୍ତିଷ୍କର ବୈଦ୍ୟୁତିକ ସଙ୍କେତଗୁଡ଼ିକୁ ପଠାଇଥାଏ । ବୌଜ୍ଞାନିକଙ୍କ ମତରେ ସାଟେଲାଇଟ୍ ଅପ୍ଟିକାଲ୍ ଯୋଗାଯୋଗରେ ବ୍ୟବହୃତ 'ପଲ୍ସ ପୋଜିସନ୍ ମଡ୍ୟୁଲେସନ୍' କୋଡ୍ ବ୍ୟବହାର କରି ଏହା ଅତ୍ୟନ୍ତ କମ୍ ଶକ୍ତିରେ ସଫଳତାର ସହ ତଥ୍ୟ ପ୍ରେରଣ କରିପାରୁଥିବା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ନ୍ୟୁରାଲ୍ ଇମ୍ପ୍ଲାଣ୍ଟ ଅଟେ । ଗବେଷକମାନେ ଏହାକୁ ପ୍ରଥମେ ସେଲ୍ କଲଚର୍ ଏବଂ ପରେ ମୂଷାମାନଙ୍କ ମସ୍ତିଷ୍କର 'ବ୍ୟାରେଲ୍ କର୍ଟେକ୍ସ'ରେ ପ୍ରତିରୋପଣ କରି ପରୀକ୍ଷା କରିଥିଲେ । ଯେଉଁଠାରେ ମୂଷାମାନେ ସମ୍ପୂର୍ଣ୍ଣ ସୁସ୍ଥ ଓ ସକ୍ରିୟ ରହିବା ସହ ଏହା ଏକ ବର୍ଷ ଧରି ସଫଳତାର ସହ ନ୍ୟୁରନ୍ ଗତିବିଧି ରେକର୍ଡ କରିଥିଲା । ଏହାବ୍ୟତୀତ ଏହାର ସ୍ୱତନ୍ତ୍ର ଉପାଦାନ ଯୋଗୁଁ ଏମ୍ଆର ଆଇ ସ୍କାନ୍ ସମୟରେ ମଧ୍ୟ ମସ୍ତିଷ୍କର ତଥ୍ୟ ସଂଗ୍ରହ ସମ୍ଭବ ହୋଇପାରିବ । ଭବିଷ୍ୟତରେ ଏହାକୁ ମେରୁଦଣ୍ଡ କିମ୍ବା କୃତ୍ରିମ ଖପୁରୀ ପ୍ଲେଟରେ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ଆଶା କରାଯାଉଛି ।

ସୋସିଆଲ କୋର୍ଟ୍ସ



ମୁଁ ପୁଅର ଆକ୍ଟିଂକୁ ଅନ୍ୟମାନଙ୍କ ସହ ତୁଳନା କରିଥାଏ । ହେଲେ ଏହାକୁ ମୁଁ ସକରାତ୍ମକ ଢଙ୍ଗରେ କରିଥାଏ, ଯାହା ତାର ଇଗୋକୁ କେବେ ବି କ୍ଷତି ପହଞ୍ଚାଇନାହିଁ ।

ଅନିଲ କପୁର, ଅଭିନେତା



ମୋତେ ବାପା କିଛି ବି କହିପାରିବେ । ମୁଁ ସବୁବେଳେ ତାଙ୍କ କମେଣ୍ଟକୁ ପଜିଟିଭରେ ନେଇଛି । ତାଙ୍କଠାରୁ ବହୁତ କିଛି ଶିଖିଛି ।

ହର୍ଷବର୍ଦ୍ଧନ କପୁର, ଅଭିନେତା



ପୁଅକୁ ପ୍ଲେ ସ୍କୁଲରେ ଡ୍ରପ୍ କରିବାଠାରୁ ଆରମ୍ଭ କରି ଫିଲ୍ମ ସ୍କୁଲରେ ଡ୍ରପ୍ କରିବା ଏକ ଖୁବ ଭଲ ଅନୁଭୂତି ଥିଲା । ହେଲେ ଏହା ଏତେ ଜଲଦି ଆସିବ ଭାବି ନଥିଲି । ସମୟ କେତେ ଜଲଦି ଯାଉଛି ।

ରୋହିତ ସେଟି, ଫିଲ୍ମ ମେକର

ଇତିହାସ

୧୭୮୦- ପଞ୍ଜାବ ମହାରାଜା ରଣଜିତ୍ ପ୍ରତାପ ସିଂଙ୍କ ଜନ୍ମ ।

୧୯୬୯- ଲଣ୍ଡନର ଜଣେ ମହିଳାଙ୍କର ପାଞ୍ଚଟି ସନ୍ତାନଙ୍କୁ ଜନ୍ମ, ଯାହା ବିଶ୍ୱରେ ପ୍ରଥମ ।

୧୯୭୧- ଆମେରିକାର **ଅନ୍ତରୀକ୍ଷ** ଯାନ ମେରିୟନ-୯ ମଙ୍ଗଳ ଗ୍ରହ ଚାରିପଟେ ବୁଲିବା ଆରମ୍ଭ କରିଥିଲା, ଯାହା ପୃଥିବୀର ପ୍ରଥମ ଯାନ ଥିଲା ।

୧୯୭୯- ଗୋଟିଏ ବର୍ଷ ବନ୍ଦ ରହିବା ପରେ ଟାଇମ୍ସ ଖବର କାଗକାଗଜର ପ୍ରକାଶନ ପୁଣି ଆରମ୍ଭ ହେଲା ।

୧୯୮୫- କୋଲମ୍ବିଆରେ ଜ୍ୱାଳାମୁଖୀ ଫାଟିବାରୁ ୨୩ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।

୧୯୯୭- ସୁରକ୍ଷା ପରିଷଦ ପକ୍ଷରୁ ଇରାକ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଯାଇଥିଲା ।

୨୦୧୫- ପ୍ୟାରିସ୍ ଉପରେ ଆତଙ୍କବାଦୀଙ୍କର ଘାତକ ଆକ୍ରମଣ ପରେ ୧୩୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

ଭିଡିଓ ଗେମ୍ ଖେଳିବାକୁ ମିଳୁଛି ଛୁଟି



କମ୍ପ୍ୟୁଟର ଆସେସରିଜ୍ ନିର୍ମାତା କମ୍ପାନୀ 'ଲୋଜିଟେକ୍' ଏହାର ୭,୦୦୦ କର୍ମଚାରୀଙ୍କୁ ଭିଡିଓ ଗେମ୍ ଖେଳିବା ପାଇଁ ଏକ ଦିନର ପେଡ୍ ଲିଭ୍ ବା ଦରମାଯୁକ୍ତ ଛୁଟି ପ୍ରଦାନ କରିଛି । ଯାହାକୁ କମ୍ପାନୀ 'ଲୋଜି ଗେମ୍ ଡେ' ଭାବରେ ନାମିତ କରିଛି ଏବଂ ଏଥିରେ ଇଣ୍ଟର୍ନରୁ ଆରମ୍ଭ କରି ସମସ୍ତ ରେଗୁଲାର କର୍ମଚାରୀଙ୍କୁ ପ୍ରଦାନ କରିଛି । ସେମାନେ ଆଗାମୀ ଏକ ବର୍ଷ ମଧ୍ୟରେ ଯେକୌଣସି ଦିନ ଏହି ଛୁଟି ନେଇ ଜିଟିଏ ୬ କିମ୍ବା ସେମାନଙ୍କ ପସନ୍ଦର ଯେକୌଣସି ଗେମ୍ ଖେଳିପାରିବେ ବୋଲି ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ଆମେରିକୀୟ ସେନାର ୩ୟ ଇନଫାଣ୍ଟ୍ରି ଡିଭିଜନ୍ ମଧ୍ୟ ସୈନିକମାନଙ୍କୁ ଜିଟିଏ ୬ ଖେଳିବା ପାଇଁ ଚାରି ଦିନର ପାସ୍ ଘୋଷଣା କରିଛି । କାଲିଫର୍ନିଆର ବର୍ଗର ମୋଟର୍ସପୋର୍ଟସ୍ ଏକ ପୂର୍ଣ୍ଣ ଦିନ ପାଇଁ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି । ଲୋଜିଟେକ୍ ସିଇଓ ହାନେକେ ଫାବର କହିଛନ୍ତି ଯେ ଗେମିଂକୁ ସମୟ ନଷ୍ଟ ଭାବୁଥିବା ମାନସିକତାକୁ ବଦଳାଇବା ଉଚିତ୍ । କାରଣ ଏହା କର୍ମଚାରୀଙ୍କ ସୃଜନଶୀଳତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ କାର୍ଯ୍ୟରେ ଭଲ ପ୍ରଦର୍ଶନ କରିବାରେ ସାହାଯ୍ୟ କରିଥାଏ । ତେଣୁ ସେମାନେ ଏଭଳି ପ୍ରୟାସର ଆରମ୍ଭ କରିଥିବା ନେଇ ମତ ଦେଇଛନ୍ତି ।

କରିନାଙ୍କୁ ନୋଟିସ୍



କରୀନା କପୁରଙ୍କର ଏକ ଇନଷ୍ଟାଗ୍ରାମ ପୋଷ୍ଟକୁ ନେଇ ଏକ ବଡ଼ ବିବାଦ ଦେଖାଦେଇଛି, ଯାହାପରେ ମାମଲା ଯାଇ କୋର୍ଟରେ ପହଞ୍ଚିଛି । ଯେଉଁଥିପାଇଁ କଂଗ୍ରେସ ନେତା ଅକ୍ବାସ ହାଫିଜ୍ ଭୋପାଳ କୋର୍ଟ ମାଧ୍ୟମରେ କରୀନାଙ୍କୁ ଏକ ଆଇନଗତ ନୋଟିସ୍ ପଠାଇଛନ୍ତି । ଦୈନିକ ଭାସ୍କର ସହ ଆଲୋଚନା କରି ଅକ୍ବାସ ହାଫିଜ୍ କହିଛନ୍ତି ଯେ କରୀନାଙ୍କ ପୋଷ୍ଟରେ ସେ ପିନ୍ଧିଥିବା ଗହଣା ମଧ୍ୟରେ ଏକ ପେଣ୍ଡାଣ୍ଟ ଏବଂ ପଗଡ଼ି ଅଳଙ୍କାର ରହିଛି, ଯାହା ଭୋପାଳର ପୂର୍ବତନ ରାଜପରିବାରର ଐତିହ୍ୟର ଅଂଶ ଅଟେ । ସେ କହିଛନ୍ତି ଯେ ପଗଡ଼ି ଅଳଙ୍କାର କିମ୍ବା ପୋଷାକ ପିନ୍ଧିବା ପ୍ରତି ତାଙ୍କର କୌଣସି ଆପତ୍ତି ନାହିଁ, କିନ୍ତୁ ସେ ପିନ୍ଧିଥିବା ପେଣ୍ଡାଣ୍ଟଟି ପ୍ରାୟ ୪୦୦ ବର୍ଷ ପୁରୁଣା । ଏଥିରେ କୋରାନର ଧର୍ମୀୟ ବାର୍ତ୍ତା ଖୋଦିତ ହୋଇଛି, ଯାହାକୁ ବେଗମ ଶାହା ଜାହାଁ ଏବଂ ସୁଲତାନ ଜାହାଁ ବେଗମ ନିଜର ଧର୍ମ ଏବଂ ଉପାସନା ପାଇଁ ତିଆରି କରାଇଥିଲେ । ଏହାକୁ ଫ୍ୟାଶନ ଆସେସରି କିମ୍ବା ପ୍ରଦର୍ଶନ ପାଇଁ ତିଆରି କରାଯାଇ ନଥିଲା । ମୁସଲମାନ ସମ୍ପ୍ରଦାୟରେ କୋରାନର ଧର୍ମୀୟ ବାର୍ତ୍ତାଗୁଡ଼ିକୁ ଅତ୍ୟନ୍ତ ସମ୍ମାନ କରାଯାଏ । ତେଣୁ ସେ କରୀନାଙ୍କୁ ଏହି ବିବାଦୀୟ ପୋଷ୍ଟ ହଟାଇବା, କ୍ଷମା ମାଗିବା ଏବଂ ଭବିଷ୍ୟତରେ ଏପରି ଭୁଲ ନହେବାକୁ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି । ଯଦି ସେ ପୋଷ୍ଟ ନ ହଟାନ୍ତି କିମ୍ବା କ୍ଷମା ନ ମାଗନ୍ତି, ତେବେ ସେ ଆଇନଜୀବୀଙ୍କ ସହ ପରାମର୍ଶ କରି ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ମାଟିତଳେ ବିମାନ



ୟୁକେର ଡର୍ବିସାୟର ନିବାସୀ ୪୫ ବର୍ଷୀୟ ଡେଭ୍ ବିଲିଙ୍ଗସ୍ ଫେସବୁକ୍ ମାର୍କେଟପ୍ଲେସରୁ ପ୍ରାୟ ୫ ଲକ୍ଷ ଟଙ୍କାରେ ଏକ ବୋଇଙ୍ଗ ୭୩୭ ବିମାନ କିଣିଥିଲେ । ଏହାପରେ, ତାହାକୁ ନିଜ ଘର ପଛପାଖରେ ଏକ ୧୪ ଫୁଟ ଗଭୀର ଗାତ ଖୋଳି ଡେଭ୍ ଏହାର ଭିତର ଅଂଶକୁ ଏକ ଭୂତଳ ମନୋରଞ୍ଜନ କକ୍ଷ ବା ଗେମିଂ ରୁମ୍ ଭାବରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଯେଉଁଠାରେ ଗେମିଂ ମେସିନ୍ ସ୍ଥାପନ କରାଯିବ ଏବଂ ଘର ଭିତରୁ ଏହାକୁ ଯିବାଆସିବା ପାଇଁ ବ୍ୟବସ୍ଥା ରହିବ । ସୋସିଆଲ ମିଡିଆରେ ତାଙ୍କର ଏହି ଆଇଡିଆକୁ ଖୁବ ପ୍ରଶଂସା କରାଯାଉଛି । ତାଙ୍କର ଏହି ମାଟିତଳର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।

ହାତକଡ଼ି ବାନ୍ଧି ଦୌଡ଼



ସ୍ୱେନର ଜଣେ ପୋଲିସ ଦମ୍ପତି ହାତରେ ହାତକଡ଼ି ଲଗାଇ ଏକାଠି ୧୦୧ କିଲୋମିଟର ଦୂରତା ବିଶିଷ୍ଟ ଏକ ଦୌଡ଼ ପ୍ରତିଯୋଗିତାକୁ ସଫଳତାର ସହ ଶେଷ କରିଛନ୍ତି । ସେମାନେ ଏହି ବ୍ୟବଧାନକୁ ୧୭ ଘଣ୍ଟା ୩୧ ମିନିଟ୍ ୩୯ ସେକେଣ୍ଡରେ ଶେଷ କରି ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁ ସାମିଲ କରିଛନ୍ତି । ଦକ୍ଷିଣ ସ୍ୱେନର ରୋଣ୍ଡାଠାରେ ମେ' ୯ ତାରିଖରେ ସ୍ୱେନିସ୍ ଆର୍ମି ଦ୍ୱାରା ଆୟୋଜିତ ଏହି ପାର୍ବତ୍ୟ ଅଞ୍ଚଳର କଠିନ ଦୌଡ଼ରେ ଉଭୟ ଭାଗନେଇଥିଲେ । ସୂଚନା ଅନୁସାରେ ୪୬ ବର୍ଷୀୟା ଜେସିକା ମୁନୋଜ ପାରେଡେସ୍ ଏବଂ ୪୦ ବର୍ଷୀୟ ପେଲାୟୋ ଆଲଭାରେଜ୍ ରେଭୁଏଲ୍ଟା ସମଗ୍ର ରାସ୍ତାରେ ପରସ୍ପର ସହ ହାତକଡ଼ିରେ ବାନ୍ଧିହୋଇ ରହିଥିଲେ । ପ୍ରତି ପାଦରେ ପରସ୍ପରର ଗତି ସହ ତାଳ ଦେଇ ଅନେକ ପ୍ରତିଯୋଗୀ ଅଧାବାଟରୁ ବିଦା ହୋଇଥିଲେ ମଧ୍ୟ ଦୃଢ଼ ମନୋବଳ ସହ ଏହାକୁ ଉଭୟ ଶେଷ କରିଥିଲେ । ଜେସିକାଙ୍କ ମତରେ, ଏହି ହାତକଡ଼ି କୌଣସି ବାଧା ନ ହୋଇ ପରସ୍ପର ପ୍ରତି ବିଶ୍ୱାସ ଓ ମିଳିତ ସହଯୋଗର ଏକ ପ୍ରତୀକ ପାଲଟିଥିଲା ।

'ସମୟ'ର ୩୦ତମ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ



ସମୟ ସଂପାଦକ ପପୁ ମହାନ୍ତି



କଟକର ସ୍ୱତନ୍ତ୍ର ପ୍ରତିନିଧି ସମୀର କର



ସାହିତ୍ୟିକ ଓ ସ୍ତମ୍ଭକାର ରତ୍ନାକର ରାଉତ



ଯାଜପୁର ଜିଲ୍ଲା ପ୍ରତିନିଧି ହାରାଧନ ବାନାର୍ଜୀ



ମୟୁରଭଞ୍ଜ ଜିଲ୍ଲା ପ୍ରତିନିଧି ସୌମ୍ୟ ରଞ୍ଜନ ପଟ୍ଟନାୟକ



ବୌଦ୍ଧ ଜିଲ୍ଲା ପ୍ରତିନିଧି ରଘୁନାଥ ଷଡଙ୍ଗୀ



ଚଣ୍ଡିଖୋଲ ପ୍ରତିନିଧି ବେଣୁଧର ପଣ୍ଡା



ମଧୁସ୍ମିତା ତ୍ରିପାଠୀ ନିର୍ଦ୍ଦେଶିକା ଆଇ.ଟି ହାଇଟେକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ



ନେତାଜୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଅଧକ୍ଷ ବିଜନ ଜେନା



ବିଜ୍ଞାପନ ଏଜେନ୍ସି ଡିସ୍‌ପ୍ଲେ ଲାଇନ୍‌ର ସିଇଓ ଶ୍ରୀଧର ଦାସ



ବିଜ୍ଞାପନ ଏଜେନ୍ସି ଫାଷ୍ଟ କମ୍ୟୁନିକେସନର ଜିଏମ୍ ରଶ୍ମୀ ରଞ୍ଜନ ପ୍ରଧାନ



ସିଟିପି ବିଭାଗୀୟ ମୁଖ୍ୟ ଧରଣୀଧର ଜେନା



ବିଜ୍ଞାପନ ବିଭାଗର ସିଡ୍ୟୁଲ ମ୍ୟାନେଜର ନିର୍ମଳ କୁମାର ସ୍ୱାଇଁ



ଲେଆଉଟ୍ ସେକ୍ସନର ମୁଖ୍ୟ ଦୀପ୍ତି ରଞ୍ଜନ ପଣ୍ଡା



ମେସିନ୍ ବିଭାଗର ମୁଖ୍ୟ ଅମିତାଭ ମହାପାତ୍ର



ଅଫିସ୍ କର୍ମଚାରୀ ସୁବାଷ ଚନ୍ଦ୍ର ମଲ୍ଲ



ମୁଖ୍ୟ ଅତିଥିଙ୍କ ସହିତ ଯୁବବର୍ଗଙ୍କ ସେଲ୍‌ଫି



କାର୍ଯ୍ୟକ୍ରମରେ ଉପସ୍ଥିତ ନିମନ୍ତ୍ରିତ ବ୍ୟକ୍ତିବିଶେଷ





ସୁରଭି ମହୋତ୍ସବ ଅବସରରେ ପିଲାମାନଙ୍କ ନବସୃଜନ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା
ଚତୁର୍ଥ ଥର ବଢ଼ିଲା ନ୍ୟାୟିକ କମିସନଙ୍କ କାର୍ଯ୍ୟକାଳ

କଟକ,(ସବ୍ୟୁ) : ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ(ଏସ୍‌ସିବି)ର ଟ୍ରମା କେୟାର ଆଇସିୟୁରେ ଗତ ମାର୍ଚ୍ଚ ୧୬ରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରୁଥିବା ନ୍ୟାୟିକ କମିସନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଚତୁର୍ଥ ଥର ପାଇଁ ବୃଦ୍ଧି କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଶନଙ୍କ କାର୍ଯ୍ୟକାଳ ପ୍ରଥମେ ୬୦ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ମେ' ୧୫ ତାରିଖରେ ଏହାକୁ ଜୁଲାଇ ୧୫, ଜୁଲାଇ ୧୫ରେ ସେପ୍ଟେମ୍ବର ୧୫ ଏବଂ ସେପ୍ଟେମ୍ବର ୨୮ ରେ ନଭେମ୍ବର ୧୫ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ତଦନ୍ତ ଶେଷ ହୋଇନଥିବାରୁ ଗୃହ ବିଭାଗର ନୂଆ ବିଜ୍ଞପ୍ତି ଅନୁଯାୟୀ, କମିଶନଙ୍କ କାର୍ଯ୍ୟକାଳକୁ ୨୦୨୭ ଜାନୁଆରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମାର୍ଚ୍ଚ ୧୬ରେ ହୋଇଥିବା ଏହି ଦୁର୍ଘଟଣାରେ ୧୨ ଜଣଙ୍କ ଜୀବନହାନି ଘଟିଥିଲା।

ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଓ ସଚେତନତା ରଥ ଉଦ୍‌ଘାଟିତ

ଏକୀକୃତ ପେନ୍‌ସନ୍ ପୋର୍ଟାଲ୍‌ରେ ସ୍ୱଚ୍ଛତା ଓ ତ୍ୱରିତ ସେବା

ପୁରୀ, (ସବ୍ୟୁ): ପୁରୀ ଟାଉନ ହଲ୍‌ଠାରେ ବୁଧବାର ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ସରକାରୀ ଯୋଜନା ସମ୍ପର୍କରେ ଜନସଚେତନତା ପାଇଁ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍‌ର ଶୁଭାରମ୍ଭ ସହ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାଟୁରେସନ୍ ମୋଡ୍‌ରେ ପେନ୍‌ସନ୍ ବଣ୍ଟନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବରିଷ୍ଠ ନାଗରିକ, ବିଧବା, ଦିବ୍ୟାଙ୍ଗ ଓ ଅନ୍ୟ ଯୋଗ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସୁରକ୍ଷା ସହ ସମ୍ମାନଜନକ ଜୀବନ ପ୍ରଦାନ ଏହାର ମୁଖ୍ୟ ଲକ୍ଷ୍ୟ। ୟୁଯିଏମ୍‌ପି ଏକକ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ପେନ୍‌ସନ୍ ଯୋଜନାର ପରିଚାଳନା, ହିତାଧିକାରୀଙ୍କ ତଥ୍ୟ ସଂରକ୍ଷଣ ଓ ପେନ୍‌ସନ୍ ବଣ୍ଟନକୁ ଅଧିକ ସ୍ୱଚ୍ଛ, ସରଳ ଓ ସୁବ୍ୟବସ୍ଥିତ କରିବ। ଏହାଦ୍ୱାରା ଆବେଦନ ଯାଞ୍ଚ, ଅନୁମୋଦନ ଓ ପେନ୍‌ସନ୍ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ



କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଅନୁଯାୟୀ ସମଗ୍ର ରାଜ୍ୟରେ ୫ ଲକ୍ଷ ୫ ହଜାର ୮୦୦ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରାଯାଇଛି। ପୁରୀ ଜିଲ୍ଲାରେ ୨୯,୪୨୬ ଜଣ ନୂତନ ହିତାଧିକାରୀଙ୍କୁ ନଭେମ୍ବର ମାସରେ ଅକ୍ଟୋବର ଓ ନଭେମ୍ବର ଦୁଇ ମାସର ଭତ୍ତା ଏକାଠି ପ୍ରଦାନ କରାଯାଉଛି। ଆସନ୍ତା ଡିସେମ୍ବର ୧୫ରୁ ପୁରୁଣା ଓ ନୂତନ ସମସ୍ତ ହିତାଧିକାରୀ ପ୍ରତିମାସ ୧୫ ତାରିଖରେ ନିୟମିତ ଭାବେ ଭତ୍ତା ପାଇବେ। ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାରଙ୍କ ଅଂଶର ଟଙ୍କା ନଗଦ ଆକାରରେ ନଭେମ୍ବର ୨୫ରେ ଗ୍ରାମପଞ୍ଚାୟତ କିମ୍ବା ବ୍ଲକ୍ କାର୍ଯ୍ୟାଳୟରୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଅଂଶ ପୂର୍ବଭଳି ବ୍ୟାଙ୍କ ଖାତାକୁ ଯିବ। ଏଥିସହ ୮୦ ବର୍ଷ ବୟସ ପୂରଣ ପରେ ବର୍ଦ୍ଧିତ ଭତ୍ତା ପାଇଁ ହିତାଧିକାରୀଙ୍କୁ ପୁଣି ଆବେଦନ କରିବାକୁ ପଡ଼ିବ ନାହିଁ। ୮୦ ବର୍ଷ ପୂରଣ ହେବାର ପରମାସରୁ ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଥିଲେ, ରାଜ୍ୟ ସରକାରଙ୍କ ଏହି ସ୍ୱଚ୍ଛ ଓ ତ୍ୱରିତ ପଦକ୍ଷେପ ଦ୍ୱାରା ବରିଷ୍ଠ ନାଗରିକମାନେ ଅସୁବିଧାର ସମ୍ମୁଖୀନ ନହୋଇ ସମ୍ମାନର ସହ ଜୀବନଯାପନ କରିପାରିବେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଥିଲେ, ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରୀ ସହାୟତା ପହଞ୍ଚାଇବା ସରକାରଙ୍କ ମୁଖ୍ୟ ପ୍ରତିବଦ୍ଧତା। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଜୟାନନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଗଞ୍ଜାମ ବନ୍ୟାର ବ୍ୟବସ୍ଥିତ ପରିଚାଳନା

୧୮ ରେ ବିଧାନସଭା ଅଧିବେଶନରେ ଆଲୋଚନା ଲାଗି ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ସବ୍ୟୁ): ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ବନ୍ୟା,ବାତ୍ୟାର ପ୍ରକୋପ କିପରି ହେବ, ଆମେ ତାହା ପୂର୍ବାନୁମାନ ଲଗାଇଥାଉ । ନିର୍ଦ୍ଦିଷ୍ଟ ତଥା ନିଖୁଣ ଭାବେ ପାଣିପାଗ ସମ୍ବନ୍ଧୀୟ ଆକଳନ କରିବା ଯଦିଓ କଷ୍ଟସାଧ୍ୟ ତଥାପି ସମସ୍ତ ପ୍ରକାର ପୂର୍ବ-ପ୍ରସ୍ତୁତି ନିମନ୍ତେ ଆମେ ସର୍ବଦା ସଚେତନ ଥାଉ । ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଭାରୀ ବର୍ଷାର ପରିମାଣ ୬୪.୫ ମିମିରୁ ୧୧୫.୫ ମିମି, ଅତି ପ୍ରବଳ ବର୍ଷାର ପରିମାଣ ୧୧୫.୬ ମିମିରୁ ୨୦୪.୪ ମିମି, ପ୍ରବଳରୁ ଅତି ପ୍ରବଳ ବର୍ଷାର ପରିମାଣ ୨୦୪.୫ ମିମିରୁ ଅଧିକ ହୋଇଥାଏ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଆସନ୍ତା ୧୮ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବ । ମୋର ବ୍ୟକ୍ତିଗତ ଉପଲବ୍ଧି, ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଏ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା ନିମନ୍ତେ ପବିତ୍ର ବିଧାନସଭା ଏକ ପ୍ରକୃଷ୍ଟ ମଞ୍ଚ । ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ସମାଲୋଚନାର ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୁତରାଂ, ରାଜ୍ୟର ସମସ୍ତ ରାଜନୈତିକ ଦଳକୁ ମହାବାତ୍ୟାଠୁଁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆସିଥିବା ସମସ୍ତ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ପ୍ରସଙ୍ଗରେ ସାମଗ୍ରିକ ଆଲୋଚନା କରିବାକୁ ମୁଁ ଆହ୍ୱାନ ଜଣାଉଛି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଉତ୍ତରଦାୟୀ ହୋଇ ଜନସାଧାରଣଙ୍କ ସୁରକ୍ଷା ଏବଂ ସ୍ୱାର୍ଥରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ଏବଂ ସମସ୍ତ ପ୍ରକାରର ଗଠନମୂଳକ ଆଲୋଚନା ନିମନ୍ତେ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଚଳିତ ବର୍ଷର ଅନୁଭବ ଅନୁଯାୟୀ ଗଞ୍ଜାମ ଜିଲ୍ଲାର ଇତିହାସରେ ଏପରି ଅତି ପ୍ରବଳ ବର୍ଷା ହୋଇନଥିଲା । ଉପଲବ୍ଧ ତଥ୍ୟ ଅନୁଯାୟୀ, ୨୯ ଅକ୍ଟୋବରର ବୃଷ୍ଟିପାତ ତଥ୍ୟ ଅନୁଯାୟୀ ୨୪ ଘଣ୍ଟାରେ ଗଞ୍ଜାମ ପାତ୍ରପୁରରେ ୫୪୬ ମିମି, କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିଠାରେ ୪୬୨.୪ ମିମି, ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡିରେ ୩୮୮ ମିମି, କନ୍ଧମାଳର ରାଇକିଆଠାରେ ୩୮୪.୮ ମିମି, ଗଞ୍ଜାମ ଜିଲ୍ଲାର ସୋରଡାରେ ୩୭୫ ମିମି, ଚିକିଟିରେ ୩୦୯.୨ ମିମି, ରଙ୍ଗେଇଲୁଣ୍ଡାଠାରେ ୨୬୧ ମିମି ବର୍ଷା ହୋଇଥିଲା । ଏହାସହିତ ସମଗ୍ର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହୋଇଥିଲା, ଯାହା ପ୍ରଭାବରେ ଖୁବ କମ୍ ସମୟ ମଧ୍ୟରେ ଋଷିକୁଲ୍ୟା ନଦୀରେ ତତକ୍ଷଣାତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଗଞ୍ଜାମ ଜିଲ୍ଲାକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା ।

ବାତ୍ୟା ଅର୍ଣ୍ଣବ ଏବଂ ତା' ଯୋଗୁ ଆସିଥିବା ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ସିଧାସଳଖ କୌଣସି ମୃତାହତ ରେକର୍ଡ଼ ହୋଇ ନାହିଁ । ଭୂସ୍ଖଳନ ଯୋଗୁଁ କେବଳ ଯାହା ମୃତାହତ ରେକର୍ଡ଼ ହୋଇଥିବା ବେଳେ ଭୂସ୍ଖଳନ ସାମ୍ପ୍ରତିକ ପରିସ୍ଥିତିରେ ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି ଏବଂ ଏହାର ମୁକାବିଲା କରିବା ନିମନ୍ତେ ବିଭିନ୍ନ ବୈଜ୍ଞାନିକ ଏବଂ ବୈଷୟିକ ତଥା ବିଶେଷଜ୍ଞ ଅନୁଷ୍ଠାନ ଗୁଡ଼ିକ ସହ ଆମେ ଆଲୋଚନା କରିବା ସହିତ ସେମାନଙ୍କ ସହଯୋଗରେ ଏହାର ସଫଳ ମୁକାବିଲା ନିମନ୍ତେ ପ୍ରସ୍ତୁତି କରୁଛୁ ।

ଓଡ଼ିଶାର ବିକାଶ ଯାତ୍ରାରେ ସରକାରୀ-ଘରୋଇ ସହଭାଗିତାକୁ ଗୁରୁତ୍ୱ
ଆଇଏଫ୍‌ସି ସହ ସହଯୋଗ ରାଜ୍ୟରେ ପ୍ରଥମ ଲବଣମୁକ୍ତ ଜଳ ପ୍ରକଳ୍ପ ସ୍ଥାପନର ଆଶା ଉଜ୍ଜ୍ୱଳ କରିଛି

ଭୁବନେଶ୍ୱର, (ସବ୍ୟୁ): ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପ ପାଇଁ ଭିତ୍ତିଭୂମି ସମ୍ପର୍କିତ କ୍ଷମତାସମ୍ପନ୍ନ କମିଟି(ଇସିଆଇ)ର ୬୬ତମ ବୈଠକ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ଯେ, ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି) ସହ ବର୍ତ୍ତମାନର ସହଯୋଗ ଅନୁଯାୟୀ, ସହରାଞ୍ଚଳରେ ସୁଲଭ ଗୃହ ନିର୍ମାଣ, ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ର ସମେତ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟି କରିପାରୁଥିବା ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରି କାର୍ଯ୍ୟକାରୀ ହୋଇପାରୁଥିବା ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପଗୁଡ଼ିକର ଏକ ସୁସଂଗଠିତ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ।

ଏହି ବୈଠକରେ ଗୋପାଳପୁରଠାରେ ଲବଣମୁକ୍ତ ଜଳ ପ୍ରକଳ୍ପ (ଡିସାଲାଇନେସନ ପ୍ରୋଜେକ୍ଟ) ସ୍ଥାପନ ପ୍ରତିଷ୍ଠା ନିମନ୍ତେ ଇଡକୋ, ଆଇଏଫସି ଏବଂ ପିପିପି ସେଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପ୍ରାୟ ୧,୦୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ରାଜ୍ୟରେ ଏହି ଧରଣର ପ୍ରଥମ ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପ ହେବ । ଏହି ଅବସରରେ ଆଇଏଫସି ର ଦକ୍ଷିଣ ଏସିଆ ଅଞ୍ଚଳର ପିପିପି କାରବାର ପରାମର୍ଶ



ସେବା ବିଭାଗର ପରିଚାଳକ ଶ୍ରୀ କମଲ ଡୋରାବାୱିଲା ନିଜ ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶାକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ନିବେଶ ସୁଯୋଗର ଏକ ରଣନୈତିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଆଇଏଫସି ର ସମଗ୍ର ଟିମ୍ ଏକାଗ୍ରତାର ସହ କାର୍ଯ୍ୟ କରୁଛନ୍ତି ।

ଆଇଏଫସି ସହ ସହଯୋଗର ଅଂଶସ୍ୱରୂପ ଚିହ୍ନଟ କରାଯାଇଥିବା ମୋଟ ୧୧ଟି ପ୍ରକଳ୍ପକୁ କମିଟି ପକ୍ଷରୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ପ୍ରାୟ ୧୫,୪୯୮ କୋଟି ଟଙ୍କା । ଏଥିସହ ପ୍ରାୟ ୮୩୧.୬୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ଅନ୍ୟ ୫ଟି ନୂତନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି । ଏହା ବ୍ୟତୀତ, ପ୍ରାୟ ୨୮,୭୬୪.୨୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ୨୮ଟି ଚାଲୁ ରହିଥିବା ପିପିପି ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା ।

ସମାଜସେବୀ ପୂର୍ଣଚନ୍ଦ୍ର ରଥଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ବାବୁ ସିଂ,
ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବିବେକାନନ୍ଦ ପାଣିଗ୍ରାହୀ, ସୁନୀଲ ରାଉତ ଓ ଅନ୍ୟମାନେ ।

ଦନ୍ତା ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

କୁହୁଡ଼ି, (ସବ୍ୟୁ) : ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ମୃତ ବୃଦ୍ଧା ଜଣକ ହେଲେ ଚାନ୍ଦପୁର ନିକଟସ୍ଥ ଓସ୍ତପଡ଼ା ଗ୍ରାମର ବଳଭଦ୍ର ଜେନାଙ୍କ ପତ୍ନୀ ମଞ୍ଜୁ ଜେନା । ମଞ୍ଜୁ ଜେନା ପ୍ରାତଃ ସମୟରେ ମନ୍ଦିର ଯିବା ପାଇଁ ଘରୁ ବାହାରୁଥିବା ବେଳେ ଘର ସମ୍ମୁଖରେ ଏକ ଦନ୍ତାହାତୀ ରହିଥିଲା । ସେହି ସମୟରେ ଅନ୍ଧାର ଥିବାରୁ ସେ ହାତୀଟିକୁ ଦେଖିପାରି ନଥିଲେ । ଫଳରେ ଘର ସମ୍ମୁଖରେ ହିଁ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳିଚକଟି ଦେଇଥିଲା । ଏଥିରେ ମଞ୍ଜୁଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ବଳଭଦ୍ର ଜେନା ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ରଣପୁର ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି ।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ
ରାଜ୍ୟର ପ୍ରମୁଖ ସଫଳତା ଓ ବିକାଶମୂଳକ ପଦକ୍ଷେପର ଅଗ୍ରଗତି ସଂପର୍କିତ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର



ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ତଥା କମିଶନର ତଥା ଶାସନ ସଚିବମାନେ ବୈଠକରେ ଯୋଗଦେଇଥିଲେ । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରାରମ୍ଭରେ ଗତ ଅକ୍ଟୋବର ପ୍ରଥମ ସପ୍ତାହରୁ ନଭେମ୍ବର ମାସ ଆଜି ସୁଦ୍ଧା ରାଜ୍ୟର ପ୍ରମୁଖ ସଫଳତା ଓ ବିକାଶମୂଳକ ପଦକ୍ଷେପ ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆର୍‌ବିଆଇ ଡାଟା ସେଣ୍ଟର ଉଦ୍‌ଘାଟନ, କଳିଙ୍ଗନଗରରେ ଶିଳ୍ପ ପ୍ରକଳ୍ପର ଭୂମିପୂଜନ, ଅକ୍ଷୟ ଶକ୍ତି କ୍ଷେତ୍ରରେ ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ, ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର, ରାଜ୍ୟ କ୍ୟାବିନେଟ୍‌ରେ ପ୍ରମୁଖ ନିଷ୍ପତ୍ତି ଏବଂ ୨,୦୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅନ୍ୟତମ । ସେହିପରି ଦୁର୍ନୀତି ନିବାରଣ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୬୫%କୁ ବୃଦ୍ଧି, ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟ, ୬୩୦ଟି ବିଦ୍ୟାଳୟରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପର୍ଯ୍ୟାୟ, ପେନ୍‌ସନ୍ ପରିଚାଳନା ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ, ଭୁବନେଶ୍ୱର ଓ ଆସିକାର ସଫଳତା ଆଦି ଉପରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ । ଏଥି ସହିତ ବାତ୍ୟା "ଅର୍ଣ୍ଣବ" ଏବଂ ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସଂଘଟିତ ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବାରେ ସମ୍ପୃକ୍ତ ସମସ୍ତ ବିଭାଗମାନଙ୍କୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଉପସ୍ଥାପନ କରାଯାଇଥିଲା । ଅଦ୍ୟବଧି ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଇଜ ଅଫ ଡୁଇଂ ବିଜନେସ ଅନ୍ତର୍ଗତ ବ୍ୟବସାୟିକ ସଂସ୍କାର ଆକ୍ସନ ପ୍ଲାନ ଏବଂ ଓଡ଼ିଶା ଲୋକସେବା ଅଧିକାର ଆଇନ ଅଧୀନରେ ବିଭିନ୍ନ ଅନ ଲାଇନ ସେବା ପ୍ର

ମୟୂରଭଞ୍ଜରେ ୪୧,୨୨୮ ନୂତନ ହିତାଧିକାରୀ ପାଇବେ ଭତ୍ତା

ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୧୦୨୩ ଜଣଙ୍କୁ ବଣ୍ଟନ, ୪ ସଚେତନତା ରଥର ଶୁଭାରମ୍ଭ

ବାରିପଦା, (ସବ୍ୟୁ): ଯୋଗ୍ୟ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ସରଳ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଯୁନିଫାଏଡ୍ ପେନ୍ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ ପ୍ରଚଳନ କରିଛନ୍ତି । ଏହି ନୂତନ ବ୍ୟବସ୍ଥାରେ ମୟୂରଭଞ୍ଜ ଜିଲ୍ଲାର ୪୧,୨୨୮ ଜଣ ନୂତନ ହିତାଧିକାରୀ ଭତ୍ତା ପାଇବାକୁ ତାଲିକାଭୁକ୍ତ ହୋଇଛନ୍ତି । ଏହି ଅବସରରେ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ମଧୁବାବୁ ପେନସନ୍ ଯୋଜନା ଅଧୀନରେ ଜିଲ୍ଲାସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସାମାଜିକ ସୁରକ୍ଷା ଭତ୍ତା ଯୋଗ୍ୟ ହିତାଧିକାରୀଙ୍କ ଆର୍ଥିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି କହିଥିଲେ । ଆବେଦନର ପରବର୍ତ୍ତୀ ମାସରୁ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବା ସହ ୮୦ ବର୍ଷ ବୟସ ପୂରଣ ପରେ ବିନା ପୁନଃ ଆବେଦନରେ ବର୍ଦ୍ଧିତ ଭତ୍ତା ପାଇପାରିବେ ବୋଲି ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୦୨୩ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ମନ୍ତ୍ରୀ ନିଜ ହସ୍ତରେ ୨୩ ଜଣଙ୍କୁ ଭତ୍ତା ବଣ୍ଟନ କରିଥିବା ବେଳେ ଅବଶିଷ୍ଟ ୧୦୦୦ ଜଣଙ୍କୁ ସମ୍ପୃକ୍ତ ଅଞ୍ଚଳର ଅଧିକାରୀମାନେ ଭତ୍ତା ପ୍ରଦାନ କରିଥିଲେ । ଏଥିସହ ଜିଲ୍ଲାର ଚାରିଟି ଉପଖଣ୍ଡରେ ସାମାଜିକ ସୁରକ୍ଷା ଭତ୍ତା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଚାରିଟି ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଏହି ରଥଗୁଡ଼ିକ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଯୋଜନାର ସୁବିଧା, ଯୋଗ୍ୟତା ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ । କାର୍ଯ୍ୟକ୍ରମରେ ବିଧାୟକ ଭାସ୍କର ମଡେଇ, ବିଧାୟକ ପ୍ରକାଶ ସୋରେନ, ବିଧାୟିକା ସଞ୍ଜଲା ମୁର୍ମୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡଃ ବୁଢାନ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ଚନ୍ଦ୍ର ନାଏକ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସୟ ପ୍ରମୁଖ ଉପସ୍ଥିତ ଥିଲେ ।

ଫୁଲବାଣୀରେ ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

ମାଓ ଅଞ୍ଚଳରେ ସ୍ଥାୟୀ ଶାନ୍ତି ପାଇଁ ବିକାଶ ହିଁ ମୁଖ୍ୟ ଆଧାର : ଏଡିଜି ଅଖିଳ ମିଶ୍ର



ଫୁଲବାଣୀ, (ସବ୍ୟୁ): ମାଓବାଦୀ ହିଂସାରୁ ଶାନ୍ତି, ପ୍ରଗତି ଓ ସାମାଜିକ-ଆର୍ଥିକ ପରିବର୍ତ୍ତନ ଦିଗରେ କନ୍ଧମାଳ ଜିଲ୍ଲାର ଯାତ୍ରାକୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଗୁରୁବାର ଫୁଲବାଣୀଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା "ବାର୍ତ୍ତାଳାପ' ଆୟୋଜିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ପୋଲିସର ସହଯୋଗରେ ଆୟୋଜିତ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାଓବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା, ସୁଶାସନ ଓ ସାମାଜିକ-ଆର୍ଥିକ ବିକାଶରେ ହୋଇଥିବା ପରିବର୍ତ୍ତନକୁ ଲୋକଲୋଚନକୁ ଆଣିବା । କର୍ମଶାଳାରେ ପିଆଇବି ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନ୍, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅଧକ୍ଷତା କରିଥିଲେ । କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ, ବାଲିଗୁଡ଼ା ଏସଡିପିଓ ଶୁଭମ ସଞ୍ଜୟ ଭୋସଲେ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଶିକ୍ଷାବିତ ଡ. ଏଲ୍ବି ମିଶ୍ର ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଶିଷ କୁମାର ସରକାର ପ୍ରମୁଖ ଯୋଗଦେଇଥିଲେ । ଏଥିରେ ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀ, ଆତ୍ମସମର୍ପଣ କରିଥିବା କିଛି ପୂର୍ବତନ ମାଓବାଦୀ ଏବଂ କନ୍ଧମାଳ ସମେତ ପଡ଼ୋଶୀ ଅଞ୍ଚଳର ସାମ୍ବାଦିକମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏଡିଜି ଶ୍ରୀ ମିଶ୍ର କହିଥିଲେ ଯେ, ୩୧ ମାର୍ଚ୍ଚ ୨୦୨୬ରେ ଭାରତ ସରକାରଙ୍କ ଘୋଷଣା ପରେ ପୂର୍ବତନ ମାଓବାଦ ପ୍ରଭାବିତ ଜିଲ୍ଲାଗୁଡ଼ିକର ବିକାଶମୂଳକ ପ୍ରଗତିର ସମୀକ୍ଷା ଏହି ବିଶେଷ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ।

ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୧୫,୧୯୯ କିଲୋମିଟର ରାସ୍ତା ନିର୍ମାଣ, ୯,୪୯୭ଟି ମୋବାଇଲ୍ ଟାଓ୍ୱାର ସ୍ଥାପନ ଏବଂ ୧,୮୦୪ଟି ବ୍ୟାଙ୍କ ଶାଖା ଉପଲବ୍ଧ ହେବା ଭଳି ସଫଳତା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ । କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ଜିଲ୍ଲାରେ ମାଓବାଦୀ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ପୋଲିସର ସଫଳତା ବର୍ଣ୍ଣନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଜିଲ୍ଲାରେ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ଜନସାଧାରଣଙ୍କ ଅଭିଯୋଗର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ୫୦୦ରୁ ୬୦୦ ଜଣ ହିତାଧିକାରୀଙ୍କ ପେନସନ୍ ସମ୍ପର୍କିତ ଦୀର୍ଘଦିନର ବକେୟା ମାମଲାର ସମାଧାନ ସହ ସମ୍ପତ୍ତି ପ୍ରତିକୂଳ ପାଣିପାଗରେ ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ ବିଷୟରେ ସେ କହିଥିଲେ । ଡ. ଏଲ୍ବି ମିଶ୍ର କନ୍ଧମାଳରେ ମାଓବାଦର ପ୍ରସାର ପଛରେ ଅର୍ଥନୈତିକ ଅଭାବ ଓ ଭିତ୍ତିଭୂମିର ଅଭାବକୁ ଗୁରୁତ୍ୱପୂର୍ଣ୍ଣ କାରଣ ଭାବେ ଉଲ୍ଲେଖ କରିଥିଲେ । ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଶିଷ କୁମାର ସରକାର "ରାଇଜ୍ ଆଣ୍ଡ ଫଲ୍ ଅଫ୍ ମାଓଇଜମ୍' ଶୀର୍ଷକ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାରେ ମାଓବାଦର ଉତ୍ପତ୍ତି, ବିକାଶ ଓ ଏହାର ପ୍ରଭାବ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ୨୦୦୮ ଫେବୃଆରୀରେ ନୟାଗଡ଼ ଅସ୍ତ୍ରାଗାର ଆକ୍ରମଣ ଏବଂ ୩ ଫେବୃଆରୀ ୨୦୨୪ରେ କାକେରକୁପା ଗ୍ରାମରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଅଭିଯାନର ବିବରଣୀ ଦେଇଥିଲେ ।

ଏହି ଅଭିଯାନରେ ଇନ୍ସପେକ୍ଟର ଅମରେଶ ଚନ୍ଦ୍ର ନରେନ୍ଦ୍ରଙ୍କ ନେତୃତ୍ୱରେ ସାତଜଣିଆ ପୋଲିସ ଦଳ ମାଓବାଦୀଙ୍କ ସହ ମୁକାବିଲା କରିଥିବାବେଳେ ବରିଷ୍ଠ ମାଓବାଦୀ ଦାସରୁ ଓରଫ୍ ଦୁଦୁ ମୁଣ୍ଡାରୀ ନିହତ ହୋଇଥିଲେ। ଏହି ସମୟରେ ଏଏସ୍ଆଇ ଜିତେନ୍ଦ୍ର ନାଏକ ଗୁଳିମାଡ଼ରେ ଆହତ ହୋଇଥିଲେ । ପ୍ରାରମ୍ଭରେ "ବାର୍ତ୍ତାଳାପ'ର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଓ ମିଡିଆ ଆଣ୍ଡ କମ୍ୟୁନିକେସନ୍ ଅଫିସର ସ୍ୱାଧୀନ ଶକ୍ତି ପ୍ରସାଦ କାର୍ଯ୍ୟକ୍ରମର ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ ।

ଏମ୍.ପି.ସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସି.ଭି.ରମଣଙ୍କ ଜୀବନ ଓ ବୈଜ୍ଞାନିକ ଗବେଷଣା ଉପରେ ଆଲୋଚନାଚକ୍ର



ବାରିପଦା, (ସବ୍ୟୁ) : ଏମ୍.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୋବେଲ ବିଜେତା ବୈଜ୍ଞାନିକ ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜୀବନ, ଗବେଷଣା ଓ ସଫଳତାକୁ ନେଇ ଏକ ଆଲୋଚନାଚକ୍ର ଗତ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସର ଓଡ଼ିଶା ଚାପଫର ଏବଂ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାର୍ ସି.ଭି. ରମଣ: ଜୀବନ, ପଦାର୍ଥ ବିଜ୍ଞାନ ଗବେଷଣା ଓ ସଫଳତା ଶୀର୍ଷକ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡଃ ଦେବାଶିଷ ଦାସ ଅଧକ୍ଷତା କରି ସି.ଭି.ରମଣଙ୍କ ବୈଜ୍ଞାନିକ ଅବଦାନ ଓ ଗବେଷଣାର ଗୁରୁତ୍ୱ ଉପରେ ମତ ରଖିଥିଲେ । ପୁଷ୍ପପୋଷକ ତଥା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଆଲୋକର ବୈଜ୍ଞାନିକ ଓ ଦାର୍ଶନିକ ମହତ୍ତ୍ୱ ବର୍ଣ୍ଣନା କରିବା ସହ ମଣିଷର ଅନ୍ତର୍ନିହିତ ପ୍ରତିଭା ହିଁ ତା'ର ପରିଚୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ପାତ୍ର ଯୋଗଦେଇ ସି.ଭି. ରମଣଙ୍କ ପ୍ରାରମ୍ଭିକ ଜୀବନ, ଗବେଷଣା କ୍ଷେତ୍ରରେ ସଂଘର୍ଷ, ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ବୈଜ୍ଞାନିକ ଗବେଷଣା ପ୍ରତି ତାଙ୍କର ନିଷ୍ଠା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଭାରତୀୟ ବିଜ୍ଞାନ ଅନୁଷ୍ଠାନ (ଆଇଆଇଏସ୍ସି), ବେଙ୍ଗାଲୁରୁରେ ତାଙ୍କର ନେତୃତ୍ୱ ଓ ସ୍ୱାବଲମ୍ବୀ ଗବେଷଣାର ବିକାଶ ସମ୍ପର୍କରେ ଆଲୋଚନା କରି ଆଜିର "ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ସହ ଏହାର ପ୍ରାସଙ୍ଗିକତା ଦର୍ଶାଇଥିଲେ । କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଷୟର ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଓ ସ୍ୱାଧୀନ ଗବେଷଣା ପ୍ରତି ଆଗ୍ରହୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶେଷରେ ବିଭାଗର ସହକାରୀ ପ୍ରାଧାପକ ପଙ୍କଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ୟା ବିପନ୍ନ ପରିବାରକୁ ରିଲିଫ ବାଣ୍ଟିଲା ଦୁର୍ଗାପୂଜା କମିଟି



ବ୍ରହ୍ମପୁର, (ସବ୍ୟୁ) : ବିପଦରେ ବନ୍ଧୁ ହୋଇ ଛିଡ଼ା ହେବା ହିଁ ପ୍ରକୃତ ମାନବିକତାର ପରିଚୟ। ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲା ଆସିକା ନିର୍ବାଚନ ମଣ୍ଡଳୀର ନବରନିପୁର ଗ୍ରାମରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପାଇଁ ମାନବିକତାର ହାତ ବଢ଼ାଇଛି ବ୍ରହ୍ମପୁର ସହର ଅନ୍ତର୍ଗତ ଗୋସାଇଁନିଆଗାଁ ଦୁର୍ଗା ପୂଜା କମିଟି।

କମିଟି ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ପରିବାରକୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇ ମାନବିକତା ଓ ସାମାଜିକ ସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି। ବନ୍ୟାରେ କ୍ଷୟକ୍ଷତି ଘଟିଥିବା ପରିବାରକୁ ଏଭଳି ସଙ୍କଟମୟ ପରିସ୍ଥିତିରେ ବନ୍ୟାପାଡ଼ିତଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ବ୍ରହ୍ମପୁର ସହରର ଗୋସାଇଁନିଆଗାଁ ଦୁର୍ଗା ପୂଜା କମିଟି ପକ୍ଷରୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଚାଉଳ, ଡାଲି, ଚିନି, ଆଳୁ, ସୋୟାବିନ୍ ବଡ଼ି, ବିସ୍କୁଟ, ପାଉରୁଟି ଆଦି ଶୁଖିଲା ଖାଦ୍ୟ ଏବଂ ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ବସ୍ତ୍ର ସହ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟରେ ଗୋସାଇଁନିଆଗାଁ ଦୁର୍ଗା ପୂଜା କମିଟିର ସଭାପତି ଜଗଦୀଶ ପାଣିଗ୍ରାହୀ, ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, କୋଷାଧକ୍ଷ ଶିବ ପ୍ରସାଦ ପଣ୍ଡା, ନରେନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ, ସୁଦର୍ଶନ ମହାକୁଡ଼ ପ୍ରମୁଖ ସଦସ୍ୟ ଯୋଗଦେଇ ରିଲିଫ୍ ବଣ୍ଟନରେ ସହଯୋଗ କରିଥିଲେ ।

କାରରେ ଗଞ୍ଜେଇ ଚାଲାଣ ଧରାପଡ଼ିଲେ ଯୁବକ

ବ୍ରହ୍ମପୁର, (ସବ୍ୟୁ) : କାରରେ ଗଞ୍ଜେଇ ଚାଲାଣ ବେଳେ ଜଣେ ଯୁବକଙ୍କୁ ମାଡ଼ିବସିଲା ନିମଖଣ୍ଡି ପୋଲିସ । ତାଙ୍କ ନିକଟରୁ ୨ କେଜି ଗଞ୍ଜେଇ, ଗୋଟିଏ କାର୍ ଓ ମୋବାଇଲ ଫୋନ୍ ଜବତ କରାଯାଇଛି । ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡ଼ଙ୍ଗପୁର ଗ୍ରାମର ପି. ଧୋବା ପାତ୍ର (୨୩) । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ କମଳାପୁରରୁ ଗଞ୍ଜେଇ ଆଣି ଚାଲାଣ କରୁଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି । ମାମଲା ନଂ ୩୫୬/୨୬ ଅଭିଯୁକ୍ତଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ନିମଖଣ୍ଡି ଥାନା ପୋଲିସ ଗୁରୁଣ୍ଡି ସ୍ଥିତ ଶିଶୁ ମନ୍ଦିର ସ୍କୁଲ ନିକଟରେ ଆଜି ପାଟ୍ରୋଲିଂ କରୁଥିବା ସମୟରେ ଏକ ଧୂସର ରଙ୍ଗର ହୁଣ୍ଡାଇ ଆଇ-୧୦ କାର୍କୁ ଅଟକାଇବାକୁ ଉଦ୍ୟମ କରିଥିଲା । ପୋଲିସକୁ ଦେଖି କାର୍ ଚାଳକ ଦ୍ରୁତଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ। କିଛି ଦୂର ପିଛା କରିବା ପରେ ପୋଲିସ କାରଟିକୁ ଅଟକାଇଥିଲା । ଏହି ସମୟରେ ଚାଳକ ଗାଡ଼ିରୁ ଓହ୍ଲାଇ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ତାଙ୍କୁ କାବୁ କରିଥିଲା । ତାଙ୍କ ନିକଟରୁ ଏକ ଧଳା ପଲିଥିନ୍ ପ୍ୟାକେଟରେ ଥିବା ଗଞ୍ଜେଇ ଜବତ କରାଯାଇଥିଲା ।

ବଚ୍ଚନ ସ୍ୱାଇଁ ହତ୍ୟା ମାମଲା

ଦୁଇ ଭାଇଙ୍କୁ ଆଜୀବନ

ବ୍ରହ୍ମପୁର, (ସବ୍ୟୁ): ଅତିରିକ୍ତ ଜିଲ୍ଲା ଦେରା ଜଜ୍-୩ ବିବଶ୍ୱତ ଗେତମ ଆଜି ଏକ ହତ୍ୟା ମାମଲାର ଶୁଣାଣି କରି ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ମାମଲାର ଅଭିଯୁକ୍ତ ଥିବା ଦୁଇ ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଦୁଇ ଭାଇ ହେଲେ ଦିଗପହଣ୍ଡି ଥାନା ଅର୍ନ୍ତଗତ ବଣ୍ଟୁପଲ୍ଲୀର କଙ୍ଗାରୁ ଭୂୟାଁ (୫୪) ଓ ସାନ ଭାଇ କାଳିଅ ଓରଫ ସ୍ୱଶାନ୍ତ ଭୂୟାଁ (୨୪) । ଏହାସହ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟରେ ପ୍ରତ୍ୟେକଙ୍କୁ ଅତିରିକ୍ତ ତିନିମାସ ଜେଲ ଦଣ୍ଡ ପ୍ରଦାନ କରିବାକୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ ୨୦୨୦ ଅକ୍ଟୋବର ୨୪ରେ ଗ୍ରାମରେ ଚାଲିଥିବା ଏକ ଜୁଆ ଖେଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା ।

ଗୋଟିଏ ଗୋଷ୍ଠୀର କଙ୍ଗାରୁ ଓ କାଳିଆ ବଚ୍ଚନ ସ୍ୱାଇଁଙ୍କୁ ମାରିବା ପାଇଁ ହାତରେ ମାରଣାସ୍ତ୍ର ଧରି ଗୋଡ଼ାଇଥିଲେଛ ବଚ୍ଚନ ସେଠାରୁ ଦେଡ଼ି ପଳାଇଥିବା ବେଳେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କଙ୍ଗାରୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା । ଫଳରେ ବଚ୍ଚନ ତଳେ ପଡ଼ିଯାଇଥିଲେ । କାଳିଆ ଏକ ଛୁରାରେ ବଚ୍ଚନଙ୍କ ପେଟକୁ ଭୁସି ହତ୍ୟା କରିଥିଲା । ଖବର ପାଇ ଘର ଭିତରେ ଥିବା ବଚ୍ଚନଙ୍କ ଭଉଣୀ ଲକ୍ଷ୍ମୀ ସ୍ୱାଇଁ ଘଟଣା ସ୍ଥଳକୁ ଆସିବାରୁ ତାଙ୍କୁ ଗାଳିଗୁଳଜ କରିବା ସହ ହତ୍ୟାର ଧମକ ଦେଇଥିଲେ । ଭଉଣୀଙ୍କ ଅଭିଯୋଗକ୍ରମେ ଦିଗପହଣ୍ଡି ଥାନା ପୁଲିସ ୨୫୦/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ଉପରୋକ୍ତ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌କୁ ମୟୂରଭଞ୍ଜର ଦୁଇ ଖେଳାଳି ମନୋନୀତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ଜଗତ ପାଇଁ ଆଉ ଏକ ଗୌରବର ବିଷୟ । ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଦୁଇ ପ୍ରତିଭାବାନ ତୀରନ୍ଦାଜ ରୋହିତ କୁମାର ମାର୍ଣ୍ଡି ଓ ଗୋବିନ୍ଦ ମାଝୀ ୩୩ତମ ବରିଷ୍ଠ ଜାତୀୟ ତୀରନ୍ଦାଜୀ ଚାମ୍ପିୟନସିପ୍-୨୦୨୬ ପାଇଁ ଓଡ଼ିଶା ଦଳରେ ମନୋନୀତ ହୋଇଛନ୍ତି । ମେଘାଳୟର ଶିଲଙ୍ଗଠାରେ ହେବାକୁ ଥିବା ଏହି ପ୍ରତିଯୋଗିତାର ଇଣ୍ଡିଆନ୍ ରାଉଣ୍ଡ ବର୍ଗରେ ଉଭୟ ଖେଳାଳି ରାଜ୍ୟର ପ୍ରତିନିଧିତ୍ୱ କରିବେ । ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ଅକ୍ଟୋବର ୮ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ଚୟନ ତାଲିକାରେ ଉଭୟଙ୍କ ନାମ ସ୍ଥାନ ପାଇଛି । ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ଉପଯୁକ୍ତ ପ୍ରଶିକ୍ଷଣ ଓ ସୁଯୋଗ ପ୍ରଦାନ କରୁଥିବା ଏକାଡେମୀ ପାଇଁ ଏହି ସଫଳତା ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ସମେତ ଏକାଡେମୀର କର୍ମକର୍ତ୍ତା, ଉପଦେଷ୍ଟା ଓ ପ୍ରଶିକ୍ଷକମାନେ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି ।

ବାଇକ

ୟୁନିଫାଏଡ ପେନସନ ମ୍ୟାନେଜମେଣ୍ଟ ପୋର୍ଟାଲର ଶୁଭାରମ୍ଭ

୮୦ ବର୍ଷ ହେଲେ ସ୍ୱତଃପ୍ରବୃତ ଭାବରେ ମିଳିବ ୩,୫୦୦ ଟଙ୍କା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଆର୍ଟ ଏଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରେ ରାଜ୍ୟରେ ସାମାଜିକ ସୁରକ୍ଷା ପେନ୍‌ସନ୍ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲର ଶୁଭାରମ୍ଭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାଚୁରେସନ୍ ମୋଡ୍‌ରେ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ମଞ୍ଜୁରୀ ନିମନ୍ତେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି ।

ଏହି ସମାରୋହରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ପେନ୍‌ସନ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ବିନା ବିଳମ୍ବରେ ସରକାରୀ ସହାୟତା ପହଞ୍ଚାଇବା ଦିଗରେ ଏହା ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ । ବିକଶିତ ଓଡ଼ିଶା ୨୦୩୬ ଗଠନ ଦିଗରେ ଏହା ଏକ ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିଜ ଅଭିଭାଷଣରେ କହିଥିଲେ ଯେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର



ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସାମାଜିକ ସୁରକ୍ଷା ପେନ୍‌ସନ୍ ସେବାକୁ ସରଳୀକରଣ, ସୁବ୍ୟବସ୍ଥିତ ଓ ଡିଜିଟାଇଜ୍ କରିବା । ବିଭିନ୍ନ ପେନ୍‌ସନ୍ ଯୋଜନାକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରାଇବା ଫଳରେ ବରିଷ୍ଠ ନାଗରିକ, ବିଧବା ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଭଳି ଯୋଗ୍ୟ ହିତାଧିକାରୀମାନେ ସ୍ୱଚ୍ଛ, ସମୟୋଚିତ ଓ ଝାମେଲାମୁକ୍ତ ଭାବେ ଆର୍ଥିକ ସହାୟତା ପାଇପାରିବେ ।

ଏହି ନୂତନ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏଣିକି ୮୦ ବର୍ଷ ବୟସ ପୂରଣ କରୁଥିବା ପେନ୍‌ସନ୍ ହିତାଧିକାରୀମାନେ ବିନା ନୂତନ ଆବେଦନରେ ସ୍ୱତଃପ୍ରବୃତ୍ତ ଭାବେ ମାସିକ ୩,୫୦୦ ଟଙ୍କା ପେନ୍‌ସନ୍ ପାଇବାକୁ ଯୋଗ୍ୟ ହେବେ । ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ପଡ଼ିବ ନାହିଁ । ଏହି ଯୋଜନାରେ ଯୋଗ୍ୟ ବ୍ୟକ୍ତିମାନେ ପୋର୍ଟାଲ୍‌ରେ ଅନଲାଇନ୍ ଆବେଦନ କରିପାରିବେ । ନିକଟସ୍ଥ କମନ୍ ସର୍ଭିସ୍ ସେଣ୍ଟର କିମ୍ବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଆବେଦନ ସମ୍ପର୍କିତ ସହାୟତା ଉପଲବ୍ଧ ହେବ । ଆବେଦନ ଦାଖଲର ପରବର୍ତ୍ତୀ ମାସରୁ ନିୟମିତ ପେନ୍‌ସନ୍ ପ୍ରଦାନ ଆରମ୍ଭ ହେବ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସ୍ୱାଇଁ ଢେଙ୍କାନାଳ ଜିଲ୍ଲାର ବ୍ଲକ୍ ଓ ପୌରାଞ୍ଚଳଭିତ୍ତିକ ନୂତନ ହିତାଧିକାରୀଙ୍କ ତଥ୍ୟ ଉପସ୍ଥାପନ କରିଥିଲେ । ଢେଙ୍କାନାଳ ଜିଲ୍ଲାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ମୋଟ ୧୭,୬୦୯ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ସେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଟଚଗଚ ପୋର୍ଟାଲ୍‌ରେ ଆବେଦନ କରି ଏହି ସୁବିଧାର ଲାଭ ନେବାକୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଢେଙ୍କାନାଳ ପୌରପାଳିକା ଅଧକ୍ଷା ଜୟନ୍ତୀ ପାତ୍ର, ଢେଙ୍କାନାଳ ସଦର ବ୍ଲକ୍ ଅଧକ୍ଷ କାଳନ୍ଦୀ ବାରିକ ଏବଂ ଗଁଦିଆ ବ୍ଲକ୍ ଅଧକ୍ଷା ରିନାରାଣୀ ଖଟୁଆଙ୍କ ସମେତ ବିଭିନ୍ନ ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ ।

ଶେଷରେ ଅତିଥିମାନେ ଟଚଗଚ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ଉଦ୍ଦିଷ୍ଟ ତିନୋଟି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଜିଲ୍ଲାର ତିନୋଟି ଉପଖଣ୍ଡ ଅଭିମୁଖେ ଶୁଭାରମ୍ଭ କରିଥିଲେ । ଏହି ରଥ ମାଧ୍ୟମରେ ପେନସନ ପୋର୍ଟାଲ୍, ଆବେଦନ ପ୍ରକ୍ରିୟା ଓ ପେନ୍‌ସନ୍ ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ ।

ବାଛୁରୀବାଙ୍କ ଖଣିରେ ଚଢ଼ାଉ ପୋକଲିନ ମେସିନ, ଡିଜି ଜବତ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ମୋଟଙ୍ଗାଥାନା ଅନ୍ତର୍ଗତ ବାଛୁରିବାଙ୍କ ନିକଟରେ ଥିବା ଏକ ବେଆଇନ କଳାମୁଗୁନି ପଥର ଖଣିରେ ଉପଜିଲ୍ଲାପାଳଙ୍କ ତରଫରୁ ଚଢାଉ କରାଯାଇ ପୋକଲିନ ମେସିନ ସହିତ ଟ୍ରକ,ଡିଜି ଜବତ କରାଯାଇଛି ।

ଢେଙ୍କାନାଳ ଉପଜିଲ୍ଲାପାଳ ପଦ୍ମଚରଣ ସାହୁଙ୍କ ପ୍ରତଯକ୍ଷ ତତ୍ୱାବଧାନରେ ଆଜି ଓଡାପଡା ତହସିଲ ବାଙ୍ଗୁରସିଂହ ପଞ୍ଚାୟତ ବାଛୁରୀବାଙ୍କ ନିକଟରେ ଥିବା ଏକ ବେଆଇନ ପଥର ଖଣରେ ଚଢାଉ କରାଯାଇଥିଲା । ତହସିଲର ଖାତା ନଂ ୧୦୯ ପ୍ଲଟ ନମ୍ବର ୮୭୭ରେ ଥିବା ୦.୧୮୨ହେକଫର ଜମିରେ ଚଢାଉ ସମୟରେ ଖଣିରେଥିବା ୨ଟି ପୋକଲିନ ମେସିନ ସହିତ ଗୋଟିଏ ୪୦୭ରେ ଲୋଡ ରହିଥିବା ଡିଜି ସେଟ ଜବତ କରାଯାଇଥିଲା । କୌଣସି ସୂତ୍ରରୁ ଖବରପାଇ ଖଣି ମାଫିଆମାନେ ସେଠାରୁ ଚମ୍ପଟ ମାରିଥିଲେ । ପୋଲିସ ସହାୟତାରେ ଜବତ ହୋଇଥିବା ପୋକସିନ ମେସିନ ସହିତ ଅନଯ ସାମଗ୍ରୀକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବାର ଜଣାପଡଛ ।

ଝୁଲା ଖୁଣ୍ଟିଆରେ ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଝୁଲାଖୁଣ୍ଟିଆ ଗ୍ରାମ ମା'ମଙ୍ଗଳା ମନ୍ଦିରରେ ମା'ମଙ୍ଗଳାଙ୍କ ବାର୍ଷିକ ପୂଜା ନିଶା ମଙ୍ଗଳବାର ଓଷା ପାଳନ ହୋଇଯାଇଛି । ଏହି ଅବସରରେ ୧୩୧ ଜଣ ବ୍ରତ ଧାରିଣୀ ମା ଭଉଣୀଙ୍କ ଦ୍ୱାରା ଏକ କଳସ ଯାତ୍ରା ନଗର ପରିକ୍ରମା କରିଥିଲା । ପରେ ପୂଜକ ଦ୍ୱାରାଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାରେ ୨ ହଜାରରୁ ଉର୍ଧ୍ୱ ବ୍ରତ ଧାରିଣି ମା ,ଭଉଣୀମାନେ ପୂଜା ଅର୍ଚ୍ଚନା କରିଥିଲେ । ମା'ଙ୍କର ଅଗାଢ଼ ବିଶ୍ୱାସ ଯୋଗୁଁ ବର୍ଷକୁ ବର୍ଷ ବ୍ରତ ଧାରିଣୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଉତ୍ସବରେ ବିଧାୟକ ପାଲଲହଡା ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଅଶୋକ ମହାନ୍ତି, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ରାଜ୍ୟ ଖାଉଟି ନିଗମ ଅଧକ୍ଷ ଅବନୀ କାନ୍ତୁ ସାହୁ, ପଞ୍ଚାୟତ ସରପଞ୍ଚ ଦୁଃଖବନ୍ଧୁ ବେହେରା, ସମିତିସଭ୍ୟ ଯୁଗଳ କିଶୋର ସାହୁ ଯୋଗ ଦେଇ ମା'ଙ୍କର କୃପା ଭିକ୍ଷା କରିଥିଲେ । ପରେ ଗ୍ରାମର ବରିଷ୍ଠ ନାଗରିକ ତଥା ପୂର୍ବତନ ପ୍ରଧାନଶିକ୍ଷକ ଗୌତମାନନ୍ଦ ପରିଡା, ଗ୍ରାମର ସଭାପତି ଯୁଗଳ ସାହୁ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ସଂଗ୍ରାମୀ ସ୍ମୃତିସ୍ତମ୍ଭ ଉଦ୍‌ଘାଟିତ ହୋଇଥିଲା ।

ସାଂସଦଙ୍କୁ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି' ପ୍ରଦାନ



ସାଉଥବଲଣ୍ଡା, (ସବ୍ୟୁ): ତାଳଚେରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ହେଉଥିବା ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ଶାରଦୀୟ ବିଶେଷାଙ୍କକୁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଗ୍ରସ୍ଥ ଅବସରରେ ମା ହିଙ୍ଗୁଳା ପାଠାଗାରର ପ୍ରତିଷ୍ଠାତା ତଥା ପତ୍ରିକାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ସାଂସଦଙ୍କ ଦୀନଦୟାଲ ନଗରସ୍ଥିତ ବାସଭବନରେ ପହଂଚି ପତ୍ରିକାଟି ପ୍ରଦାନ କରିଥିଲେ। ତାଳଚେରରୁ ନିୟମିତ ବ୍ୟବଧାନରେ ଦୀର୍ଘ ୫ବର୍ଷ ଧରି ଏହି ପତ୍ରିକାଟି ପ୍ରକାଶିତ ହେଉଥିବାର ଜାଣି ସାଂସଦ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିବା ସହ ପତ୍ରିକାଟିର ଭୂୟସୀ ପ୍ରଶଂସା କରିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ଫଟାନନ ବେହେରା ଉପସ୍ଥିତ ଥିଲେ ।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ' ଲଗାଇବା ଉପରେ ଗୁରୁତ୍ୱ

ଅନୁଗୋଳ, (ସବ୍ୟୁ) :ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅଦ୍ଦାଲ ମୁହମ୍ମଦ ଅଖ୍‌ତରଙ୍କ ଅଧକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ବୈଠକରେ ଯୋଗ ଦେଇଥିଲେ ।ବୈଠକରେ ଅକେଫାବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅକେଫାବର ମାସରେ ଜିଲ୍ଲାରେ ମୋଟ ୩୭ଟି ଦୁର୍ଘଟଣା ଘଟିଥିବାବେଳେ ୧୨ଜଣଙ୍କର ମୃତ୍ୟୁ ଘଟିଛି ଓ ୨୫ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଲଣ ଯୋଗୁଁ ୧୨୮୫ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୮୭୬ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୨୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୪ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୫୦ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁସାରେ, ବୁଲା ଗୋରୁଙ୍କ ପାଇଁ ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ' ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିଭଳି ରାସ୍ତା ଉପରେ ଥିବା ଭାରୀଯାନଗୁଡିକୁ ନିଜସ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରି ଗାଡ଼ି ମୋବିଲାଇଜ କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଢାବା କିମ୍ବା ପେଟ୍ରୋଲ ପମ୍ପ ଆଗରେ ବେଆଇନ ଗାଡ଼ି ପାର୍କିଂ କଲେ ସମ୍ପୃକ୍ତ ଡ୍ରାଇଭରମାନଙ୍କ ଲାଇସେନ୍ସ ଜବତ ଓ ଜୋରିମାନା ଆଦାୟ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ପେଟ୍ରୋଲ ପମ୍ପ, ହୋଟେଲ ଓ ଢାବ । ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅନୁଗୋଳ ଉପଜିଲ୍ଲାପାଳଆଶିଷ ରଞ୍ଜନ ସାହୁ, ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି , ଉପ ଆରକ୍ଷୀ ଅଧୀକ୍ଷକ ସୁକୁମାର ତ୍ରିପାଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲ ପରିସରରେ ଗୁରୁବାର ଦିନ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଶରଞ୍ଜନ ସାହୁ , ସୁଧା ସୀମନ୍ତିନୀ ବିଶ୍ୱାଳ , ବାସୁଦେବ ବେହେରା , ପ୍ରାଣବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟ ର ଛାତ୍ରୀ ଛାତ୍ର ମାନେ ଅଂଶ ଗ୍ରହଣ କରି ୨୩ ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ବିଜ୍ଞାନ ଶିକ୍ଷୟତ୍ରୀ ସସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଇଛାପୂର ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମିନାକ୍ଷୀ ଦିବେଦୀ ବିଚାରକ ଭାବରେ ଯୋଗ ଦେଇଥିଲେ।

ଦର୍ଶନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଆଠମଲ୍ଲିକ,(ସବ୍ୟୁ) :ଅନୁଗୁଳ ଜିଲ୍ଲା ଆଠମଲ୍ଲିକ କଲେଜ ପରିସରରେ ଦର୍ଶନଶାସ୍ତ୍ର ବିଭାଗ ତରଫରୁ ପ୍ରଥମ ବର୍ଷ ଛାତ୍ର ଛାତ୍ରୀ ଙ୍କୁ ଖୁବ ଆଡମ୍ବର ସହିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ଅଧକ୍ଷ ଡଃ ପୁରୁଷୋତ୍ତମ ମିଶ୍ର,ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ଏବଂ ଅଧ୍ୟାପକ ଲକ୍ଷ୍ମୀକାନ୍ତ ମେହେର, ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଚନ୍ଦ୍ରକାନ୍ତ ମଲ୍ଲିକ, ଅଧ୍ୟାପକ ହେମନ୍ତ କୁମାର ସାହୁ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳୀ ସାହୁ ମଞ୍ଚାସିନ ଥିଲେ। ମଞ୍ଚାସୀନ ଅତିଥି ମାନେ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଦେବା ସହିତ ଆଶିର୍ବାଦ ପ୍ରଦାନ କରିଥିଲେ। ଦ୍ୱିତୀୟବର୍ଷର ଛାତ୍ର ଲକି ପ୍ରସାଦ ବେହେରା, ଏବଂ ତୃତୀୟ ବର୍ଷର ଛାତ୍ର ମଳୟ କଲତା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଚନ୍ଦ୍ରକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ବେଆଇନ କ୍ରସରରେ ଚଢ଼ାଉ ୬ ଗାଡି ସମେତ କାଗଜପତ୍ର ଓ ମେସିନ ଜବତ

ପାଳଲହଡ଼ା, (ସବ୍ୟୁ) : ଦୀର୍ଘଦିନ ହେଲା ବେଆଇନଭାବେ ସହରଗୁରୁଜାଙ୍ଗଠାରେ ରେଲୱେ ରାସ୍ତା ନିର୍ମାଣ କାରି ଠିକା ସଂସ୍ଥାଦ୍ୱାରା ଚାଲିଥିବା କ୍ରସର ଉପରେ ପ୍ରଶାସନର ବଡ଼ ଚଢ଼ାଉ ହୋଇଥିଲା । ଏହି ଚଢ଼ାଉରେ ମେସିନ ସହ ୬ଟି ଗାଡ଼ି ସହ କ୍ରସର ମେଟେରିଆଲ ଓ ଷ୍ଟକ ଚି« ଜବତ କରାଯାଇଛି ।

ଆଜି ଅପରାହ୍ନ ୧୨ଟା ୧୫ ମିନିଟ ସମୟରେ ତହସିଲ ପ୍ରଶାସନ ପକ୍ଷରୁ ବଡିସୁଆଁ ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ସହରଗୁରୁଜାଙ୍ଗ ଠାରେ ଚାଲିଥିବା ଏକ ବେଆଇନ କ୍ରସର ଉପରେ ଚଢ଼ାଉ କରାଯାଇ ସିଲ କରାଯାଇଛି । ବିନା ଅନୁମତିରେ ଚାଲିଥିବା ଏହି କ୍ରସରୟୁନିଟ ଉପରେ ଏନଫୋର୍ସମେଣ୍ଟ ଟିମ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆଜିର ଏହି ଚଢ଼ାଉରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୌମ୍ୟା ଶ୍ରୀ ପରିଡ଼ା, ଜ୍ଞ. ବିଦ୍ୟୁତ୍ପ୍ରଭା ସାହୁ ଏବଂ ବଡିସୁଆ ରାଜସ୍ୱ ନିରୀକ୍ଷକ ଅରବିନ୍ଦ ଗଡ଼ନାୟକ ଉପସ୍ଥିତ ଥିଲେ । ଏହା ସହିତ ପୋଲିସ ଟିମ ଏବଂ ବଡିସୁଆଁ ରାଜସ୍ୱ ମଣ୍ଡଳର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଚଢ଼ାଉ ସମୟରେ କ୍ରସରର ସମସ୍ତ ମେସିନ ସହିତ ୬ଟି ମାଲ ପରିବହନ ଗାଡ଼ିକୁ ସିଲ କରାଯାଇଛି । କ୍ରସର ସମ୍ବନ୍ଧୀୟ ସମସ୍ତ କାଗଜପତ୍ରକୁ ମଧ୍ୟ ଜବତ କରାଯାଇଛି । ଏହା ସହିତ ତାଳଚେରର କନିଷ୍ଠ ଖଣି ଅଧିକାରୀ ସିଦ୍ଧାନ୍ତ ବେହେରା ଘଟଣାସ୍ଥଳ ପରିଦର୍ଶନ କରି କ୍ରସର ମେଟେରିଆଲର ସମସ୍ତ ଷ୍ଟକ ଜବତ କରିଛନ୍ତି । ଖଣି ବିଭାଗ ପକ୍ଷରୁ ଲଘୁଜ ଖଣିଜ ପଦାର୍ଥର ଷ୍ଟକ ଆକଳନ କରାଯିବ । ଯାଞ୍ଚ ପରେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ବେଆଇନ ଭାବେ କ୍ରସର ଚଳାଇ ସରକାରୀ ରାଜସ୍ୱ ଲୁଟ କରୁଥିବା ମାଫିଆଙ୍କୁ ଏହା ଏକ କଡ଼ା ଚେତାବନୀ । ଏଭଳି ବେଆଇନ କାର୍ଯ୍ୟକଳାପ ବିରୋଧରେ ପ୍ରଶାସନର ଚଢ଼ାଉ ଆଗାମୀ ଦିନରେ ମଧ୍ୟ ମିଶନ ମୋଡ୍‌ରେ ଜାରି ରହିବ ।

ଢେଙ୍କାନାଳରେ ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ପଦଯାତ୍ରା



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରରେ ଆଜି ବିଜେପି ତରଫରୁ ଗଣତନ୍ତ୍ର ବଞ୍ଚାଅ ଅରାଜକତା ହଟାଅ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସହରର ବାଜିଚୌକ ଠାରୁ ଗଣେଷ ବଜାର ପର୍ଯ୍ୟନ୍ତ ବିଜେପି କର୍ମୀଙ୍କ ଶୋଭାଯାତ୍ରା ଲୋକାରଣ୍ୟ ହୋଇପଡିଥିଲା ।

ଆଜି ବିଜେପି ତରଫରୁ ଜିଲ୍ଲାରେ ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ଜିଲ୍ଲାର ପ୍ରତିବ୍ଲକରୁ

ଆର୍ବଜନା ଘରୁ ମୃତ ଦେହ ଉଦ୍ଧାର : ଶବରଖି ରାସ୍ତାରୋକ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର କେନ୍ଦୁଝର ଜିଲ। ନନ୍ଦିପଦା ଥାନା ଅଁରା ଗ୍ରାମର ଜଣେ ଯୁବକ ଭୋଜି ଖାଇବାକୁ ଯାଇଥିବା ବେଳେ ପରଦିନ ତାଙ୍କ ମୃତଦେହ ଏକ ଆବର୍ଜନା ଘରୁ ଜବତ ହୋଇଥିଲା । ମୃତକ ଜଣକ ହେଲେ ଗ୍ରାମର ପ୍ରଶାନ୍ତ ଜେନାଙ୍କ ପୁଅ ଶାନ୍ତନୁ ଜେନା (୧୯)। ଏହାକୁ ନେଇ ମୃତ ଯୁବକଙ୍କ ମା' ପ୍ରମଳା ଜେନା ହତ୍ୟା ଅଭିଯୋଗ ଆଣିଛନ୍ତି।ମୃତ ଶାନ୍ତନୁ ଜେନା ହୋଟେଲରୁ ଗାଁ କୁ ଫେରିବା ପରେ ସାଙ୍ଗମାନଙ୍କ ସହ ରାତିରେ ଭୋଜିରେ ରହି ଘରକୁ ଫେରି ନ ଥିଲେ । ପରଦିନ ଶାନ୍ତନୁର ମୃତ ଦେହ ଅଳିଆ ଘରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ନନ୍ଦିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଶାନ୍ତନୁକୁ



ଶାଳଣିଆଁ ଗୋଷ୍ଠୀ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ ।ଡାକ୍ତର ଶାନ୍ତନୁଙ୍କୁ ଦେଖିବା ପରେ ମୃତ ଘୋଷଣା କରିଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସା କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ନିଜ ଗାଁ ଅଁରା ଗ୍ରାମକୁ ଆଣିବା ଛକରେ ମୃତଦେହ ରଖି ଶତାଧିକ ଗ୍ରାମବାସୀ। ଓରାଜି- ଶାଳଣୀଆଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ।ଖବର ପାଇ ନନ୍ଦିପଦା ଆଇ ଆଇ ସି ଧର୍ମେନ୍ଦ୍ର ଶାନ୍ତି ଘଟଣା ସ୍ଥଳରେ ପହଂଚି ଅବରୋଧ କରିଥିବା ଗ୍ରାମବାସୀ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ସଠିକ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ପ୍ରତିଶୃତି ପରେ ଧାରଣାରୁ ଉଠିଥିଲେ ।

ଅପରେସନ ବୈତରଣୀ : ରାତିଅଧରେ ୧୦ ବାଲି ବୋଝେଇ ହାଇୱା ଜବତ

କେନ୍ଦୁଝର ,(ଜିପ୍ର): ମୁଖ୍ୟମନ୍ତ୍ରୀଙ୍କ ଗୃହ ଜିଲ। କେନ୍ଦୁଝରରେ ବେଆଇନ ବାଲି ମାଫିଆଙ୍କ ବିରୋଧରେ ଶକ୍ତ ଆକ୍ସନ। କେନ୍ଦୁଝର ଏସପି ନୀତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଅପରେସନ ବୈତରଣୀ' ଅଭିଯାନ ଏବେ ବାଲି ମାଫିଆଙ୍କ ପାଇଁ କଣ୍ଟା ସାଜିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାଟଡିହୀ ବ୍ଲକ ଅଞ୍ଚଳରେ ଚଢ଼ାଉ କରି ନନ୍ଦିପଦା ପୋଲିସ ୧୦ଟି ବାଲି ବୋଝେଇ ହାଇୱା ଜବତ କରିଛି। ବୈତରଣୀ ନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଉଠାଣ କରାଯାଇ ପରିବହନ ହେଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ଏହା ପରେ ନନ୍ଦିପଦା ପୋଲିସ ଅଣା-ସମଣା ରାସ୍ତାରେ ଗାଡ଼ିଗୁଡ଼ିକୁ ଘେରି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅନ୍ଧାରର ସୁଯୋଗ ନେଇ କିଛି ଗାଡ଼ି ଚାଳକ ରାସ୍ତା ଉପରେ ବାଲି ଢାଳି ଦେଇ ଫେରାର ହୋଇଯାଇଥିବା ବେଳେ ଅନ୍ୟ କିଛି ଗାଡ଼ି ଛାଡ଼ି ପଳାଇଥିଲେ।ଏହି ଘଟଣାରେ ନନ୍ଦିପଦା ଥାନାରେ ୪୦୧ରୁ ୪୧୦ ପର୍ଯ୍ୟନ୍ତ ମୋଟ ୧୦ଟି ମାମଲା ରୁଜୁ ହୋଇଛି। ପୁଲିସ ୪ ଜଣ ଗାଡ଼ି ଚାଳକଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି। ଜବତ ହାଇୱାଗୁଡ଼ିକୁ ଥାନା ପରିସରକୁ ଅଣାଯାଇଛି। ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ସମେତ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା, ଉପଜିଲ୍ଲାପାଳ ନୀଳମାଧବ ସୁନା, ହାଟଡିହୀ ତହସିଲଦାର ସଞ୍ଜୟ ସାମନ୍ତରାୟ ଏବଂ ଖଣି ବିଭାଗର ମିଳିତ ଟିମ ଏହି ଚଢ଼ାଉରେ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, 'ଅପରେସନ ବୈତରଣୀ' ଅଧୀନରେ ପୂର୍ବରୁ ମଧ୍ୟ ଅନେକ ବାଲି ମାଫିଆଙ୍କ ଘରେ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ପ୍ରଶାସନର ଏହି କଡ଼ା ପଦକ୍ଷେପ ଯୋଗୁ ବେଆଇନ ବାଲି କାରବାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ମଧ୍ୟରେ ଛନକା ଖେଳିଯାଇଛି।

ସରସଦା ପାକ୍ସ ସହସମ୍ପାଦକ ଅଜୟ ବେହେରା ବହିଷ୍କୃତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ସହ ସମ୍ପାଦକ ଅଜୟ କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସରସଦା ସମିତି କାର୍ଯ୍ୟାଳୟ ପକ୍ଷରୁ ଗତ ୬ ତାରିଖରେ ପ୍ରକାଶିତ ଆଦେଶ ସଂଖ୍ୟା ୧୨ ଅନୁଯାୟୀ ଶ୍ରୀ ବେହେରାଙ୍କୁ ବହିଷ୍କାର ଆଦେଶ ଜାରି କରାଯାଇ ତତ୍କାଳ କାର୍ଯ୍ୟକାରୀ କରାଯାଇଛି। ଶ୍ରୀ ବେହେରାଙ୍କ ବିରୋଧରେ ଗଠିତ ତଦନ୍ତ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାରୁ ଗତ ଆକ୍ଟୋବର ୩୦ ତାରିଖରେ ଅନୁଷ୍ଠିତ ପରିଚାଳନା ନିର୍ଦ୍ଦେଶକ ବୈଠକରେ ବହିଷ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଚରଣଗତ ତ୍ରୁଟି, କର୍ତ୍ତବ୍ୟରେ ଅବହେଳା, କାର୍ଯ୍ୟାଳୟରେ ଅନଧିକାର ଅନୁପସ୍ଥିତି, ଆର୍ଥୀକ ଓ ପ୍ରଶାସନିକ ଅନିୟମୀତତା, କାର୍ଯ୍ୟାଳୟ ନଥିପତ୍ର ଜାଲିୟାତି ଅଭି ଅଭିଯୋଗ ପ୍ରମାଣିତ ହୋଇଥିବାରୁ ସମିତିର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରୀବେହେରାଙ୍କୁ ବହିଷ୍କାର କରାଗଲା ବୋଲି ଆଦେଶରେ ଉଲ୍ଲେଖ କରାଯାଇଛି। ଏଠାରେ ପ୍ରକାଶ ଯୋଗଯ ଯେ ଗତ ୨୦୨୫ ମସିହା ଅଗଷ୍ଟ ୨୨ ତାରିଖରେ ଶ୍ରୀ ବେହେରାଙ୍କୁ ନିଲମ୍ବନ କରାଯାଇଥିଲା।

ଦୁର୍ଘଟଣାରେ ଯୁବକଙ୍କ ଅକାଳ ମୃତ୍ୟୁ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ଯୁବକ ଚନ୍ଦ୍ରଭାନୁ ରାଉତ ଓରଫ କାଜା(୪୨)ଙ୍କର ସଡକ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଚନ୍ଦ୍ରଭାନୁ ମଙ୍ଗଳବାର ମଧ୍ୟରାତି ସାଢ଼େ୧୨ଟାରେର ଚରମ୍ପା କାଳୀପୂଜା ଦେଖିବାକୁ ବାଇକ ଯୋଗେ ଯାଉଥିବା ବେଳେ ନଳାଙ୍କ ଅଣ୍ଡପାସ ରାସ୍ତାରେ ଅପରପାର୍ଶ୍ୱରୁ ଦ୍ରୁତ ବେଗରେ ଆସୁଥିବା ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଆହତ ହୋଇଥିବା ଉଭୟ ବାଇକ ଆରୋହୀଙ୍କୁ ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ପଠାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଚନ୍ଦ୍ରଭାନୁ ମୃତ୍ୟୁବରଣ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ବୁଧବାର ଅପରାହ୍ନରେ ରାଜେନ୍ଦ୍ରପୁର ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଚନ୍ଦ୍ରଭାନୁ ମୁମ୍ବାଇର ସଫ୍ଟୱେର କମ୍ପାନୀରେ କାର୍ଯ୍ୟକରୁଥିଲେ। ତାଙ୍କର ୮ମାସର କନ୍ୟା ସନ୍ତତି ରହିଛି। ପତ୍ନୀ ସୁନୀତା, ମା' ବନଲତା, ସାନଭାଇ ଶୁଭ୍ରଭାନୁ, ଦାଦା ରଞ୍ଜନ, ପ୍ରଣବ, ରୀତା, ଭାସ୍କରଙ୍କ ସମେତ ସୁବ୍ରତ, ସୁଶାନ୍ତ, ସମର ପ୍ରମୁଖ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିଛନ୍ତି।

ନାବାଳିକାକୁ ଅପହରଣ, ନିର୍ଯାତନା ଅଭିଯୁକ୍ତ କୋର୍ଟ ଚାଲାଣ

ଆନନ୍ଦପୁର,(ସବ୍ୟୁ):କେନ୍ଦୁଝର ଜିଲା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ଦୃଢ଼ ହସ୍ତକ୍ଷେପ ପରେ ରାମଚନ୍ଦ୍ରପୁର ପୋଲିସ ଜଣେ ନାବାଳିକାକୁ ଅପହରଣ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଶୈଳଙ୍ଗ ଘଡ଼ିପୁରା ଅଞ୍ଚଳର ମହେଶ୍ୱର ଜେନାଙ୍କ ପୁଅ ବିଭୂତି ଜେନା (୨୫) ବୋଲି ଜଣାପଡ଼ିଛି। ଗତ ଅକ୍ଟୋବର ୨୨ ତାରିଖରେ ଜଣେ ନାବାଳିକା ବଜାରକୁ ଯାଉଥିବା ସମୟରେ ଅଭିଯୁକ୍ତ ବିଭୂତି ତାଙ୍କୁ ବଳପୂର୍ବକ ଅପହରଣ କରି ନେଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ରାମଚନ୍ଦ୍ରପୁର ଥାନାରେ କେସ ନଂ ୩୩୪/୨୦୨୬ ରୁଜୁ ହୋଇଥିଲା। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭିଯୁକ୍ତ କେବଳ ଅପହରଣ କରି କ୍ଷାନ୍ତ ହୋଇ ନ ଥିଲା, ବରଂ ନାବାଳିକାଙ୍କୁ ଜବରଦସ୍ତ ଅମାନୁଷିକ ଯୌନ ନିର୍ଯାତନା ଦେଇଥିଲା। ।ଏସଡିପିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦିଗଦର୍ଶନରେ ପୋଲିସ ତତ୍ପରତା ପ୍ରକାଶ କରି ଅଭିଯୁକ୍ତ ବିଭୂତି ଜେନାକୁ କାବୁ କରିବାରେ ସଫଳ ହୋଇଥିଲା। ବୁଧବାର ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମୁଖ୍ୟମନ୍ତ୍ରୀଙ୍କ ମନ ଜିଣିଲା ଖଜୁରୀ ପତ୍ରର ଟୋପି, ଫୁଲ ତୋଡା

ନୀଳଗିରି ,(ସବ୍ୟୁ):ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜନ୍ମ ଦିନ ଅବସରରେ ନୀଳଗିରି ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ନୀଳଗିରିର ନୀଳଗିରି ଆଦିବାସୀ ସମ୍ପ୍ରଦାୟର ଲୋକେ ଖଜୁରୀ ପତ୍ରରେ ଖୁବ୍ ସୁନ୍ଦର ଭାବରେ ତିଆରି ଟୋପି ପ୍ରଦାନ କରାଯାଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଖଜୁରୀ ପତ୍ରରେ ନିର୍ମିତ ଏକ ସୁନ୍ଦର ତୋଡା ପ୍ରଦାନ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଖଜୁରୀ ପତ୍ରର ଉପହାରକୁ ଦେଖି ଏ ବାବଦରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ପଚାରି ବୁଝୁ ଥିବାର ଦେଖିବାକୁ ମିଳିଥିଲା।

ଦୁଇ ବାଇକ ମୁହାଁମୁହିଁ, ଜଣେ ମୃତ

ସୋର,(ସବ୍ୟୁ):ସୋର ଥାନା ନୂଆଗାଁ ମାନସିଙ୍ଗା ରେଳ ଫାଟକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ଦହିସଡା ପଞ୍ଚାୟତ ନୁଆଗାଁର ଶରତ କୁମାର ପାତ୍ର ତାଙ୍କ ମା ଓ ପୁତୁରାକୁ ନେଇ ସୋର ଡାକ୍ତରଖାନାକୁ ଅସୁଥିଲେ। ଏହି ସମୟରେ ସେହି ଗ୍ରାମର ମହେଶ୍ୱର ବିନ୍ଧାଣି ବାଇକ ଯୋଗେ ସୋରରୁ ନୂଆଗାଁ ଅଭିମୁଖେ ଯାଉଥିବା ବେଳେ ରେଳ ଫାଟକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଶରତଙ୍କ ସମେତ ତାଙ୍କ ମାଆ ରଙ୍ଗଲତା ପାତ୍ର ଓ ପୁତୁରା ଜ୍ୟୋତିରଞ୍ଜନ ଏବଂ ମହେଶ୍ୱର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ଶରତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟମାନେ ସୋର ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସୋର ପୁଲିସ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ବାଇକ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଯୁବକଙ୍କ ଆତ୍ମହତ୍ୟା

ସୋର,(ସବ୍ୟୁ):ସୋର ଥାନା ମଧୁସୂଦନ ପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର ମନରଞ୍ଜନ ବାରିକ (୨୨)ବେକରେ ଶାଢ଼ୀ ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମନରଞ୍ଜନ ମାର୍ଶାଘାଇ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଯୁବତୀ ଜଣଙ୍କ ତାଙ୍କ ବାପା ଘରକୁ ଯାଇ ଆଉ ଫେରି ନ ଥିଲେ। ଫଳରେ ମନୋରଞ୍ଜନ ମାନସିକ ଚିନ୍ତାରେ ରହୁଥିଲେ। ବୁଧବାର ସକାଳେ ମନରଞ୍ଜନ ବେକରେ ଶାଢ଼ୀ ବାନ୍ଧି ଶୋଇବା ଘର ଫ୍ୟାନରେ ଝୁଲି ପଡ଼ିଥିଲେ।ପରିବାର ଲୋକେ ଏହା ଜାଣି ପାରି ଘର କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ଉଡିଯାଇଥିଲା। ସୋର ପୁଲିସ ଶବ ଜବତ କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ କେଶ୍ ନମ୍ବର୮୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

ସ୍ୱନାମଧନ୍ୟ ମହୁରୀ ବାଦକଙ୍କ ଅକାଳ ବିୟୋଗ



ବେତନଟୀ ,(ସବ୍ୟୁ): ବିଭିନ୍ନ ରାଜ୍ୟରେ ମହୁରୀ ବାଦକ ଭାବେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ଖ୍ୟାତିଲାଭ କରିଥିବା ବେତନଟୀ ବ୍ଲକ ପୁରିନ୍ଦା ପଞ୍ଚାୟତ ଅଧୀନ ଭୁରୁକୁଣ୍ଡି ଗ୍ରାମର ବିଦ୍ୟାଧର କାଳନ୍ଦୀ(୫୭)ଙ୍କର ବୁଧବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଛଉକଳାକାର ମାନଙ୍କୁ ନେଇ ଓଡିଶାର ସମସ୍ତ ଜିଲ୍ଲା ସମେତ ଭାରତବର୍ଷର ବିଭିନ୍ନ ରାଜ୍ୟରେ ମୟୁରଭଞ୍ଜର ଲୋକକଳା ଛଉନୃତ୍ୟର ପ୍ରଦର୍ଶନ କରାଯାଇ ଆସୁଛି। ଏଥିରେ ମହୁରୀ ବାଦକ ଭାବରେ ଭୁରୁକୁଣ୍ଡି ଗ୍ରାମର ବିଦ୍ୟାଧର କାଳନ୍ଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ନିଜର ସୁମଧୁର ମହୁରୀ ବାଦନ ଦ୍ୱାରା ବିଚାରକ ମଣ୍ଡଳୀ ସମେତ ଶହ ଶହ ଦର୍ଶକଙ୍କୁ ବିମୋହିତ କରି ପୁରସ୍କୃତ ହୋଇଥିଲେ ।ତେବେ ତାଙ୍କୁ ଜ୍ୱର ହେବାରୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ସୁଦ୍ଧା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ରେ ମୃତ୍ୟୁବରଣ କରିଥିଲେ। ବିଦ୍ୟାଧରଙ୍କ ଅକାଳ ବିୟୋଗରେ ଛଉ କଳାକାରଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ତେବେ ଗତବର୍ଷ ତାଙ୍କ ପୁଅ ଜଗଦୀଶ କାଳନ୍ଦୀଙ୍କର ସଡ଼କ ଦୁର୍ଘଟଣାରେ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ବର୍ଷକ ବ୍ୟବଧାନରେ ବାପ -ପୁଅଙ୍କ ମୃତ୍ୟୁ ସମଗ୍ର ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି। ତେବେ ଜଣେ ପଞ୍ଜିକୃତ କଳାକାର ଭାବରେ ତାଙ୍କର ମୃତ୍ୟୁରେ ସରକାରୀ ସହାୟତା ପାଇଁ ଅନୁସୂଚିତ ଜାତି କଲ୍ୟାଣ ସମିତିର ରାଜ୍ୟସଭାପତି କରମଚାନ୍ଦ କାଳନ୍ଦୀ ଦାବି କରିବା ସହିତ ବିଦ୍ୟାଧରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଦିନଦ୍ୱିପ୍ରହରରେ ଲୁଟ୍, ଖଇରାରେ ଆତଙ୍କ

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନସ୍ଥ ମହତୀପୁର ଓ ଶାଳଗଡିଆ ଗ୍ରାମରୁ ଦିନଦିପ୍ରହରେ ଲୁଟପାଟ ହୋଇ ଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ଖଇରାବାସୀଙ୍କୁ ଆତଙ୍କିତ କରୁଛି । ମହତୀପୁର ଗ୍ରାମର ସ୍ୱର୍ଗତ ଯଦୁନାଥ ନାୟକଙ୍କ ସ୍ତ୍ରୀ ସୁବାସିନୀ ବୁଥସ୍ତରୀୟ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ମିଟିଂ ପାଇଁ ବ୍ଲକକୁ ଯାଇଥିଲେ । ଅପରାହ୍ନରେ ଘରକୁ ଫେରି ସମସ୍ତ ଘର ତାଲା ଓ ୩ଟି ଗଡରେଜ ଭାଙ୍ଗି ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଗହଣା ଓ ନଗଦ ୨୦ହଜାର ଟଙ୍କା ଚୋରାଇ ନେଇଥିବା ନେଇ ସୁବାସିନୀ ଖଇରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ।ସେହିଭଳି ହରିପୁର ପଞ୍ଚାୟତ ଅଧୀନ ଯୋରାଗଡିଆ ଗ୍ରାମର ଅଙ୍ଗନୱାଡି କର୍ମୀ ସୁକାନ୍ତୀ ସାହୁ ନିଜ କେନ୍ଦ୍ରକୁ ପଢାଇବାକୁ ଏବଂ ଶିକ୍ଷୟତ୍ରୀ ଥିବା ଝିଅ ପାଠ ପଢାଇବାକୁ ସ୍କୁଲ ଯାଇଥିବା ସମୟରେ ଏହି ମୌକାରେ ଚୋରମାନେ ସମାନ ଢଙ୍ଗରେ ତାଲା ଓ ଗଡରେଜ ଭାଙ୍ଗି ସମସ୍ତ ସୁନାଗହଣା ଲୁଟି ନେଇଛନ୍ତି । ଆନୁମାନିକ ମୂଲ୍ୟ ୩୦ଲକ୍ଷରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି । ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି ।

ପାଗଳ କୁକୁର କାମୁଡ଼ାରେ ୫ ଆହତ

ଅସୁରାଳି,(ସବ୍ୟୁ):ଭଦ୍ରକ ଏବଂ ଧାମନଗର ସୀମାବର୍ତୀ ଆନନ୍ଦ ବଜାର ଅଂଚଳରେ ଏକ ପାଗଳ କୁକୁରର ଆତଙ୍କ ଦେଖିବାକୁ ମିଳିଛି।ବୁଧବାରଦିନ ଏକ ପାଗଳ କୁକୁର ଗଞ୍ଜାମାଳ ଗ୍ରାମର ସୁନନ୍ଦ ଯେନା(୬୦)ସରପୁରର ବିନୋଦ ବିହାରୀ ସାହୁ(୫୩) ଏବଂ ଲଙ୍କାସାହିର ସତ୍ୟବ୍ରତ ସାହୁ(୨୬)ଙ୍କ ସହିତ ଦୁଇଜଣ ଛୋଟ ପିଲାଙ୍କୁ ଅତର୍କିତ ଭାବେ କାମୁଡ଼ି ରକ୍ତାକ୍ତ କରି ଦେଇଥିଲା। ଗୁରୁତର ଆହତ ୩ଜଣ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଏଥି ସହିତ କୁକୁରଟି ମଙ୍ଗଳପୁର କୋରୁଆ ଅଂଚଳର କେତେକ ଛେଳିଙ୍କୁ ବିଲରେ ବୁଲୁଥିବାବେଳେ ଆକ୍ରମଣ କରିଥିବା ଜଣାଯାଇଛି। ଏହି ଘଟଣା ସାଧାରଣ ଲୋକଙ୍କୁ ଭୟଭୀତ କରିଛି।

କାଳିପୂଜା : ଖଇରା ଉତ୍ସବମୁଖର

ଖଇରା,(ସବ୍ୟୁ):ଖଇରା ବଯବସାୟୀ ସଂଘ ଆନୁକୂଲ୍ୟରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ପାଳିତ ହୋଇ ଆସୁଥିବା ଖଇରା କାଳିପୂଜା ଚଳିତବର୍ଷ ଧୁମଧାମରେ ପାଳିତ ହେଉଛି । ରବିବାର ରାତିରେ ରତ୍ନାକର ସାହୁ,ଦିଲ୍ଲୀପ କୁମାର କର,ଯୋଗେଶ ଶତପଥିଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପଣ୍ଡିତ ଦ୍ୱାରିକାନାଥ ଶତପଥି ଓ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଦ୍ୱାରା ମାଙ୍କୁ ଆବାହନ ଓ ବିସର୍ଜନ ପ୍ରଦାନ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଭଜନ ସଂଧ୍ୟା କାର୍ଯ୍ୟକ୍ରମକୁ ଭକ୍ତମାନେ ମନଭର ଉପଭୋଗ କରିଥିଲେ ।

ପଞ୍ଚମ ଦିନରେ ମା'ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ

ଭଦ୍ରକ,(ସବ୍ୟୁ):ଜଗତଜନନୀ,ପରମ ବୈଷ୍ଣବୀ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀ ସପ୍ତମାତୃକା ବେଶର ୫ମ ଦିବସରେ ଧାରଣ କରିଛନ୍ତି ଜଗଦ୍ଧାତ୍ରୀ ବେଶ। ଏହି ଅଲୌକିକ ଅପୂର୍ବ ଜଗଦ୍ଧାତ୍ରୀ ରୂପରେ ପୀଠରେ ପୂଜା ପାଇଛନ୍ତି ମା'ଭଦ୍ରକାଳୀ। ମାଙ୍କର ଏହି ବେଶକୁ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କର ଦିନ ତମାମ ଭିଡ଼ ଲାଗ

ସମ୍ପାଦକୀୟ

ଧନ୍ୟବାଦ ଆର୍ ଡି ସି

ଧନ୍ୟବାଦ, ଧନ୍ୟବାଦ ଆର୍‌ଡିସି ଦକ୍ଷିଣାଞ୍ଚଳ–ବିଜୟ ଅମୃତ କୁଲାଙ୍ଗେ । ଅବହେଳିତ ଦକ୍ଷିଣ ଓଡ଼ିଶାରେ ସେ ଅବସ୍ଥାପିତ ହୋଇଛନ୍ତି କିଛିଦିନ ତଳେ । ତାଙ୍କ ଅଧୀନରେ ସେ କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଂଜାମ, ଗଜପତି, କଳାହାଣ୍ଡି ଓ ରାୟଗଡ଼ାର ଜିଲ୍ଲାପାଳମାନେ କାର୍ଯ୍ୟ କରୁଛନ୍ତି । ସାଧାରଣ ଲୋକଙ୍କ ଠାରୁ ଆଦିବାସୀ ଲୋକଙ୍କ ପର୍ଯ୍ୟନ୍ତ ସେସବୁ ଜିଲ୍ଲାରେ ସମସ୍ୟା ଅନେକ । କିନ୍ତୁ ଲୋକଙ୍କ ସମସ୍ୟା, ଅଭିଯୋଗ ଓ ବକେୟା ଥିବା କାମଗୁଡ଼ିକ ଜରିଆରେ ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ନୂତନ ଆର୍‌ଡିସି ବା ରାଜସ୍ୱ ବିଭାଗର କମିଶନର ଶ୍ରୀ କୁଲାଙ୍ଗେ ସମୟ ଦେଇ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ସବୁର ପ୍ରତିକାର କରିବାକୁ ସତେ ଯେପରି ବଦ୍ଧପରିକର । ଏଥିପାଇଁ ସେ ତାଙ୍କର ଏକ୍ସ (X) ବା ଟ୍ୱିଟରରେ ନିଜର ମୋବାଇଲ ନମ୍ବର ପ୍ରେରଣ କରିଛନ୍ତି । ହ୍ୱାଟସ ଆପ ଜରିଆରେ ସହଜରେ ଲୋକେ ନିଜ ନିଜର ଅସୁବିଧା, ଆପତ୍ତି ଓ ଅଭିଯୋଗ ତଥା ଜିଲ୍ଲା ରାଜସ୍ୱ ବିଭାଗର ପଡ଼ି ରହିଥିବା ମାମଲାସବୁର ତୁରନ୍ତ ପ୍ରତିକାର ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆମେ ଯେତେବେଳେ ସ୍ୱାଧୀନତାର ୮୦ ବର୍ଷରେ ପାଦ ଦେଇଛୁ ଏବଂ ଆମ ସାଧାରଣତନ୍ତ୍ର ଯେଉଁ ପଞ୍ଚସ୍ତରୀ ବର୍ଷ ଅତିକ୍ରମ କରି ସାରୁଛୁ, ବେଳେ ବେଳେ ଆମେ ସ୍ୱାଧୀନତା ବା ସାଧାରଣତନ୍ତ୍ରର ସ୍ୱାଦ ଚାଖି ପାରିଲୁ ନାହିଁ ।

କେନ୍ଦ୍ର ସରକାର ସିଭିଲ ସର୍ଭିସ ଜରିଆରେ ଦକ୍ଷତା ବୃଦ୍ଧି ସହିତ ଶୃଙ୍ଖଳାଗତ ତଦନ୍ତ ପ୍ରଭୃତି କେତେଗୋଟି ଗ୍ରହଣ କରିଛନ୍ତି। ଏସବୁ ବିଷୟରେ ଆଲୋଚନା ବେଶୀ ହେଉ ନାହିଁ।

କାହିଁକି ଏପରି ହେଲା ? ଏତେଦିନ ପରେ ମଧ୍ୟ ଇଂରେଜମାନଙ୍କ ଶାସନ ଢାଞ୍ଚାରେ ସେପରି ଯଥେଷ୍ଟ ପରିବର୍ତ୍ତନ ହୋଇ ପାରିନାହିଁ । ସାଧାରଣ ଲୋକେ ଅଫିସରଙ୍କ ପାଖରେ ପହଞ୍ଚି ସେମାନଙ୍କ ଆପତ୍ତି ଅଭିଯୋଗ କରି ପାରିଲେ ନାହିଁ । ୟୁପିଏସସି ଜରିଆରେ ହେଉଥିବା ଆଇ.ଏ.ସ୍ ଓ ଆଇ.ପି.ଏସ୍ ପଭୃତି ପରୀକ୍ଷାରେ ଯେଉଁ ଅଧିକାରୀମାନେ ନିଯୁକ୍ତି ପାଇ ଆସୁଥିଲେ, ସେମାନଙ୍କର ହାକିମ ମନୋବୃତ୍ତି ନ ରହି ସେବା ମନୋବୃତ୍ତି ରହିବା ଆବଶ୍ୟକ ବୋଲି ଆଲଗ କମିଟି କେନ୍ଦ୍ର ସରକାରଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଥିବା କଥା ମନେପଡୁଛି । ପ୍ରଫେସର ୱାଇ.କେ. ଆଲାଗଙ୍କ ଅଧ୍ୟକ୍ଷତାରେ ଯେଉଁ ସାତଜଣିଆ କମିଟି ୨୦୦୧ରେ ସିଭିଲ ସର୍ଭିସରେ ନିଯୁକ୍ତି ପାଇ ଆସୁଥିବା ଆଇଏଏସ୍, ଆଇପିଏସ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସେବା କ୍ଷେତ୍ରରେ ଅବସ୍ଥାପିତ ଅଧିକାରୀମାନଙ୍କ ସଂସ୍କାର ସକାଶେ ଏହି ରିପୋର୍ଟ ଅତୀତରେ ଦେଇଥିଲେ, କେନ୍ଦ୍ର ସରକାରଙ୍କୁ–କେନ୍ଦ୍ରୀୟ ପବ୍ଲିକ ସର୍ଭିସ କମିଶନଙ୍କ ଜରିଆରେ । ମାତ୍ର ଏହାର ସୁପାରିଶଗୁଡ଼ିକୁ କେନ୍ଦ୍ର ସରକାର ଗ୍ରହଣ କରିନଥିଲେ । ଏହାପରେ ୨୦୦୪ରେ ପୂର୍ଣ୍ଣଚନ୍ଦ୍ର (ପି.ସି) ହୋତାଙ୍କ ଅଧ୍ୟକ୍ଷତାରେ ସିଭିଲ ସର୍ଭିସର ସଂସ୍କାର ଉପରେ ଏକ କମିଟି ମଧ୍ୟ ଗଠିତ ହୋଇଥିଲା। ସେତେବେଳେ ପି.ସି. ହୋତା (ଯିଏ କି ଜଣେ ଓଡ଼ିଆ) କେନ୍ଦ୍ରୀୟ ପବ୍ଲିକ ସର୍ଭିସ

କମିଶନର ଅଧ୍ୟକ୍ଷ ଥିଲେ। ତାଙ୍କ କମିଟିର ସୁପାରିଶରୁ ସନ୍ଦବତଃ **କେନ୍ଦ୍ର** ସରକାର ସିଭିଲ ସର୍ଭିସ ଜରିଆରେ ଦକ୍ଷତା ବୃଦ୍ଧି ସହିତ ଶୃଙ୍ଖଳାଗତ ତଦନ୍ତ ପ୍ରଭୃତି କେତେଗୋଟି ଗ୍ରହଣ କରିଛନ୍ତି। ଏସବୁ ବିଷୟରେ ଆଲୋଚନା ବେଶୀ ହେଉ ନାହିଁ।

ଗତ କିଛିବର୍ଷ ତଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀରୁ ସେବା ନିବୃତ୍ତ ହୋଇଥିବା ଡ. ରବି ନାରାୟଣ ସେନାପତି କୋରାପୁଟରେ ଜିଲ୍ଲାପାଳ ଥିବା ବେଳେ ଅନେକ ଅଗମ୍ୟ ଅଞ୍ଚଳରେ ସରକାରୀ ସୁବିଧା ମିଳୁଥିବା ଚାଉଳ, କିରୋସିନ ଓ ଅନ୍ୟାନ୍ୟ ଦ୍ରବ୍ୟର ଏପରିକି ଔଷଧପତ୍ର ସବୁକୁ ଘରକୁ ଘର ପଠାଇବାର ବ୍ୟବସ୍ଥା କରିଥିଲେ। ଏପରିକି ବିଚ୍ଛିନ୍ନାଞ୍ଚଳକୁ ଡଙ୍ଗା ପ୍ରଭୃତିରେ ସରକାରୀ ଦ୍ରବ୍ୟ ଯୋଗାଇ ଦେଇଥିଲେ।

ଅନେକ ଭଲ ଅଫିସର ଅତୀତରେ ଥିଲେ ଓ ଅଛନ୍ତି ଯେଉଁମାନେ ସେବା ମନୋବୃତ୍ତି ନେଇ ନିଜ ନିଜ ପଦବୀର ସାର୍ଥକତା କରିଛନ୍ତି। କେନ୍ଦ୍ରରେ ମୋଦିଙ୍କ ସରକାରରେ ଓଡ଼ିଆ ଅଫିସରମାନେ ସୁନାମ ଅର୍ଜନ କରିଥିବା ବେଳେ ରାଜ୍ୟରେ ମୋହନ ସରକାରରେ ଅନେକ ଅଣଓଡ଼ିଆ ଅଧିକାରୀ ମଧ୍ୟ ସୁନାମ ଅର୍ଜନ କରିପାରିଛନ୍ତି। ସେମାନଙ୍କୁ ପ୍ରଶଂସା କରାଯିବା ଉଚିତ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱ, ଏକ ଅମଳିନ ସ୍ମୃତି



ଡକ୍ଟର ବଦ୍ରିନାଥ ପଟ୍ଟନାୟକ

ଜୀବନରେ କିଛି ମଣିଷ ଏମିତି ଥାଆନ୍ତି, ଯେଉଁମାନେ ନିଜର ଅସାଧାରଣ ପ୍ରତିଭା, ମହାନ କର୍ମ, ମାନବିକତା ଓ ସରଳ ବ୍ୟବହାର ଦ୍ୱାରା ଅନ୍ୟମାନଙ୍କ ହୃଦୟରେ ଚିରଦିନ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଆନ୍ତି। ସେମାନଙ୍କର ଶାରୀରିକ ଅନୁପସ୍ଥିତି ଅନୁଭବ ହୁଏ ସତ, କିନ୍ତୁ ସେମାନଙ୍କର ଆଦର୍ଶ, ଚିନ୍ତାଧାରା, ସ୍ନେହ ଓ ସ୍ମୃତି କେବେ ମଧ୍ୟ ମନରୁ ଲିଭିଯାଏ ନାହିଁ।

ସେହିଭଳି ଜଣେ ଅସାଧାରଣ ମଣିଷ ଥିଲେ ସ୍ୱର୍ଗତ ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର। ସେ କେବଳ ଜଣେ ବିଶ୍ୱବିଖ୍ୟାତ ସ୍ନାୟୁଶଲ୍ୟ ଚିକିତ୍ସକ ବା ନ୍ୟୁରୋସର୍ଜନ ନଥିଲେ, ବରଂ ଜଣେ ଉଚ୍ଚକୋଟୀର ମାନବପ୍ରେମୀ, ଦକ୍ଷ ପ୍ରଶାସକ, ଆଦର୍ଶ ଚିକିତ୍ସକ ଏବଂ ସର୍ବୋପରି ଜଣେ ଅତ୍ୟନ୍ତ ସରଳ, ଅମାୟିକ ଓ ନିରହଙ୍କାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ।

ଦିଲ୍ଲୀଠାରୁ ଓଡ଼ିଶାର ପୁରୀ ପର୍ଯ୍ୟନ୍ତ ଚିକିତ୍ସାବିଜ୍ଞାନ ଓ ଚିକିତ୍ସା ପ୍ରଶାସନ କ୍ଷେତ୍ରରେ ତାଙ୍କର ଅବଦାନ ଥିଲ। ଅତୁଳନୀୟ। ଏମ୍ସ ଭଳି ଦେଶର ଅଗ୍ରଣୀ ଚିକିତ୍ସା ପ୍ରତିଷ୍ଠାନ ସହିତ ଜଡ଼ିତ ରହି ସେ ନିଜର ଦକ୍ଷତା, ନିଷ୍ଠା ଓ ନେତୃତ୍ୱର ପରିଚୟ ଦେଇଥିଲେ। ଜଣେ ନ୍ୟୁରୋସର୍ଜନ ଭାବରେ ତାଙ୍କର ସୁନାମ ଦେଶର ସୀମା ଅତିକ୍ରମ କରିଥିଲା।

ତାଙ୍କର ଅସାଧାରଣ ଅବଦାନ ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ମୋର ବ୍ୟକ୍ତିଗତ ଅନୁଭବରେ, ତାଙ୍କ ଭଳି ଜଣେ ମହାନ ଚିକିତ୍ସକ ଏହି ସମ୍ମାନ ବହୁ ପୂର୍ବରୁ ପାଇବାର ଯୋଗ୍ୟ ଥିଲେ। ତଥାପି ସମ୍ମାନ ଓ ପ୍ରତିଷ୍ଠାର ଶିଖରରେ ପହଞ୍ଚି ମଧ୍ୟ ତାଙ୍କ ମନରେ କେବେ ଅହଙ୍କାରର ଲେଶମାତ୍ର ଦେଖିବାକୁ ମିଳିନଥିଲା।

ମୋ ପାଇଁ ଡାକ୍ତର ଅଶୋକ ମହାପାତ୍ର କେବଳ ଜଣେ ପ୍ରସିଦ୍ଧ ଚିକିତ୍ସକ ନଥିଲେ ସେ ଥିଲେ ଜଣେ ଅତି ଆପଣାର ମଣିଷ, ଜଣେ ଶୁଭେଚ୍ଛୁ ଏବଂ ଜଣେ ମାର୍ଗଦର୍ଶକ।

ତାଙ୍କ ସହିତ ମୋର ଦୀର୍ଘବର୍ଷର ଘନିଷ୍ଠ ସମ୍ପର୍କ ଥିଲା। ମୋର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ମୁଁ ତାଙ୍କୁ ଅତ୍ୟନ୍ତ ଆପଣାର ଭାବରେ ନିମନ୍ତ୍ରଣ କରୁଥିଲି। ସେ ମଧ୍ୟ ମୋର ଅନୁରୋଧକୁ ସମ୍ମାନ ଦେଇ ପ୍ରାୟତଃ ସେହି କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦାନ କରୁଥିଲେ। ତାଙ୍କର ଉପସ୍ଥିତି ଆମ ସମସ୍ତଙ୍କ ପାଇଁ ପ୍ରେରଣା ଓ ଆନନ୍ଦର ବିଷୟ ଥିଲା।

କିନ୍ତୁ ତାଙ୍କ ସହିତ ମୋର ସମ୍ପର୍କର ଏକ ଅତ୍ୟନ୍ତ ଭାବପ୍ରବଣ ଦିଗ ରହିଛି, ଯାହାକୁ ମୁଁ ଜୀବନରେ କେବେ ଭୁଲିପାରିବି ନାହିଁ।

ପ୍ରତ୍ୟେକ ଦିନ ସକାଳେ ସେ ମୋତେ ଏକ ସ୍ନେହଭରା ବାର୍ତ୍ତା ପଠାଉଥିଲେ–



ମୋ ହୃଦୟରେ ପ୍ରତିଧ୍ୱନିତ ହେଉଛି।

ଆଜି ସେ ନାହାନ୍ତି। କିନ୍ତୁ ତାଙ୍କର ସେହି ଆଶୀର୍ବାଦ ମୋ ଜୀବନରେ ଚିରଦିନ ଏକ ପବିତ୍ର ସ୍ମୃତି ହୋଇ ରହିବ। ଆମ ଦୁହିଁଙ୍କ ମଧ୍ୟରେ ଯେତେବେଳେ କଥାବାର୍ତ୍ତା ହେଉଥିଲା, ସେଥିରେ ଏକ ଅଦ୍ଭୁତ ଆତ୍ମୀୟତା ଓ ମଧୁରତା ରହୁଥିଲା। ସେହି ସମ୍ପର୍କର ଗଭୀରତାକୁ ଶବ୍ଦରେ ପ୍ରକାଶ କରିବା ମୋ ପକ୍ଷରେ ସମ୍ଭବ ନୁହେଁ।

ଯେତେବେଳେ ମୋର ନିଜର କୌଣସି ଶାରୀରିକ ଅସୁବିଧା ହେଉଥିଲା କିମ୍ବା କୌଣସି ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ମୁଁ ତାଙ୍କର ସହଯୋଗ ଲୋଡୁଥିଲି, ସେ କେବେ ମଧ୍ୟ ଅବହେଳା କରୁନଥିଲେ। ବରଂ ଅତି ସହଜ ଓ ଆତ୍ମୀୟ ଭାବରେ କହୁଥିଲେ– ପଠାଇ ଦିଅନ୍ତୁ, ମୁଁ ଦେଖିନେବି।

'ଆପଣ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ଆପଣଙ୍କ ସ୍ନେହ, ଆଶୀର୍ବାଦ ଓ ମାନବସେବାର ମହାନ ଆଦର୍ଶ ଆମ ହୃଦୟରେ ଚିରଦିନ ଜୀବିତ ରହିବ।'

ଏହି କେତୋଟି ଶବ୍ଦ ମଧ୍ୟରେ ତାଙ୍କର ମହାନ ମାନବିକତାର ପରିଚୟ ମିଳୁଥିଲା। ଜଣେ ଚିକିତ୍ସକଙ୍କର ପ୍ରକୃତ ମହାନତା କେବଳ ତାଙ୍କର ଡିଗ୍ରୀ, ପଦବୀ କିମ୍ବା ଖ୍ୟାତିରେ ନଥାଏ ତାହା ରହିଥାଏ ରୋଗୀଙ୍କ ପ୍ରତି ସମ୍ବେଦନଶୀଳତା, ଦୁଃଖୀ ମଣିଷଙ୍କ ପ୍ରତି ସହାନୁଭୂତି ଏବଂ ସେବା କରିବାର ମନୋଭାବରେ। ଡାକ୍ତର ଅଶୋକ ମହାପାତ୍ର ଥିଲେ ଏହି ମହାନ ଆଦର୍ଶର ଜଣେ ଜୀବନ୍ତ ପ୍ରତୀକ।

ତାଙ୍କର ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଚିକିତ୍ସା ଜଗତ, ଓଡ଼ିଶା ତଥା ତାଙ୍କୁ ଭଲପାଉଥିବା ଅଗଣିତ ମଣିଷଙ୍କ ପାଇଁ ଏକ ଅପୂରଣୀୟ କ୍ଷତି।

ଆଜି ତାଙ୍କର ଦ୍ୱାଦଶାହ ଅବସରରେ ମୋ ମନ ଗଭୀର ଶୋକ ଓ ଅନେକ ଅଭୁଲା ସ୍ମୃତିରେ ଭରିଯାଉଛି। ମନେପଡୁଛି ତାଙ୍କର ସରଳ ହସ, ମଧୁର କଥାବାର୍ତ୍ତା, ସ୍ନେହପୂର୍ଣ୍ଣ ବ୍ୟବହାର ଏବଂ ପ୍ରତିଦିନ ସକାଳର ସେହି ପବିତ୍ର ଆଶୀର୍ବାଦ।

ଜୀବନର ଏକ ଚିରନ୍ତନ ସତ୍ୟ ହେଉଛି– ମଣିଷ ଦିନେ ନା ଦିନେ ଏହି ଧରାଧାମରୁ ବିଦାୟ ନିଏ, କିନ୍ତୁ ତାହାର ସତ୍କର୍ମ, ଆଦର୍ଶ ଓ ମାନବସେବା ତାକୁ ଅମର କରି ରଖେ। ଡାକ୍ତର ଅଶୋକ ମହାପାତ୍ର ସେହିଭଳି ଜଣେ ଅମର ବ୍ୟକ୍ତିତ୍ୱ।

ଆଜି ଏହି ପବିତ୍ର ଅବସରରେ ମୁଁ ତାଙ୍କର ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଆନ୍ତରିକ ସମବେଦନା ଜଣାଉଛି। ଏହି ଅପୂରଣୀୟ କ୍ଷତିକୁ ସହ୍ୟ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ଅସୀମ ଧୈର୍ଯ୍ୟ, ସାହସ ଓ ମାନସିକ ଶକ୍ତି ପ୍ରଦାନ କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ମୋର ବିନମ୍ର ପ୍ରାର୍ଥନା, ତାଙ୍କର ଅମର ଆତ୍ମାକୁ ସଦ୍ଗତି ଓ ପରମ ଶାନ୍ତି ପ୍ରଦାନ କରନ୍ତୁ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ଜୀବନ ପ୍ରଦାନ କରନ୍ତୁ।

ଶେଷରେ ଏତିକି କହିବି– 'ଆପଣ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ଆପଣଙ୍କ ସ୍ନେହ, ଆଶୀର୍ବାଦ ଓ ମାନବସେବାର ମହାନ ଆଦର୍ଶ ଆମ ହୃଦୟରେ ଚିରଦିନ ଜୀବିତ ରହିବ।'

ଓଁ ଶାନ୍ତିଃ।

ଅଧ୍ୟକ୍ଷ,
ପ୍ରଶାନ୍ତି ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ
ଭୁବନେଶ୍ୱର,
ଫୋନ–୯୭୭୬୬୯୯୯୯୯

ଲଘୁକଥା

ଆନ୍ଧ୍ରରେ ବିଏଡ୍, ଓଡ଼ିଶାରେ ଚାକିରି



ଡ. ନିରଞ୍ଜନ ସାହୁ

କାଲି ଭୋର୍ ଯିବାକୁ ହେବ ବାଙ୍ଗାଲୁରୁ–ପ୍ରଶାନ୍ତି ଏକ୍ସପ୍ରେସର ଛାଡ଼ିବା ସମୟ ହେଉଛି ପାଞ୍ଚଟା ଚାଳିଶ। ଷ୍ଟେସନରେ ତା'ର ଅନ୍ତତଃ ପନ୍ଦର ମିନିଟ୍ ଆଗରୁ ପହଞ୍ଚି ନିଜ ବଗି ଖୋଜିବାକୁ ହେବ – ଘରୁ ବାହାରି ଯିବାକୁ ହେବ ଷ୍ଟେସନ ପର୍ଯ୍ୟନ୍ତ। ଏମିତି ଅଖାଡୁଆ ସମୟରେ ଯେତେବେଳେ କ୍ୟାବ୍ ମିଳିବା କାଠିକର ପାଠ। ଆଉ ନିତ୍ୟକର୍ମ ସାରିବାକୁ ତ ଅନ୍ତତଃ ଅଧଘଣ୍ଟେ ଚାଳିଶ ମିନିଟ ଦରକାର – ଏମିତି ଓଲଟା ଗଣନା କଲେ ଚାରିଟାରେ ନ ଉଠିଲେ ନଚଳେ – ଆଉ ମନ ଭିତରେ ଏତେ ଉଦ୍‌ବେଗ ଥିଲେ ମଝିରେ ମଝିରେ ଚାଉଁକିନା ନିଦ ଭାଙ୍ଗିଯାଏ – ମୋଟ ଉପରେ ରାତିଟା ଅନିଦ୍ରା ହେବା ସାର।

ଅନିଦ୍ରା ଖାଲି ପୂର୍ବଦିନ ରାତି ନୁହେଁ ତା'ର ବେଶ୍ କିଛିଦିନ ଆଗରୁ ନିଦ ନଥିଲା ସୁମିତ୍ରା ଦେବୀଙ୍କର। ନାତିର ଯେତେ ବଳକା ଖେଳନା ସାଇକେଲ ଓଗେର ରହିଯାଇଥିଲା ସବୁକୁ ନିଖୁଣ ଭାବରେ ସଜେଇ ଥିଲେ ସେ। ପୁଅ ବୋହୂଙ୍କ ନିକଟକୁ ଚାରିମାସ ପରେ ଯାଉଛନ୍ତି ତେଣୁ ମା'ର ମନ ନେଇ ଆହୁରି ହରେକ ଜିନିଷ ନେବାକୁ ଭୁଲି ନ ଥିଲେ ସେ। ଖାଲି ସୁମିତ୍ରା ଦେବୀ ଆଉ ସଦାଶିବ ବାବୁ ନୁହନ୍ତି ତାଙ୍କରି ପରି ଶହ ଶହ କାହିଁକି ହଜାର ହଜାର ଲୋକଙ୍କର ପୁଅଝିଅମାନେ ବାଙ୍ଗାଲୋରରେ ଚାକିରି କରନ୍ତି। ଓଡ଼ିଶାରେ ତ ଚାକିରି ନାହିଁ – କ'ଣ ବା ଆଉ ବାଟ!

ଦି'ମାସ ଆଗରୁ ଟ୍ରେନ୍‌ରେ ରିଜରଭେସନ କରିଥିଲା ପୁଅ। ଏତେ ଗୁଡ଼ାଏ ଜିନିଷ କ'ଣ ଫ୍ଲାଇଟ୍‌ରେ ନେଇ ଯିବା ସମ୍ଭବ? ନିଜର ସିଟ୍ ଅଲ୍ଲିଆର କରିସାରି ସଦାଶିବବାବୁ ଅନୁମାନ କଲେ ଭାରି ଗହଳି ସେଦିନ ଟ୍ରେନ୍ ଭିତରେ। ତାଙ୍କରି ବଗିରେ ସହଯାତ୍ରୀ କହିଲେ ଜଣେ କୋଳରେ ଶିଶୁଥିବା ମାଆଟିଏ। ବୟସ ପଚିଶ ବର୍ଷ ହେବ ଖୁବ୍ ହେଲେ, ତା'ର ଶାଶୁ, ଦିଅର ଏବଂ ଆଉଜଣେ କୋଡ଼ିଏ ବାଇଶ ବର୍ଷର ଯୁବକ। ସଦାଶିବ ବାବୁଙ୍କୁ ଅନୁରୋଧ କରିଥିଲା ମାଆଟି – ଅଙ୍କଲ କୁନି ଛୁଆଟିକୁ ଧରି ଉପରକୁ ଯିବା ଆସିବା କରିବା କଷ୍ଟ ହେବ – ମୋତେ ଆପଣଙ୍କ ତଳ ବର୍ଥଟି ଦେଇପାରିବେ କି? କଅଁଳା ଛୁଆଟିକୁ ଦେଖି ମନା କରିବା ସମ୍ଭବ ନ ଥିଲା ସଦାଶିବ ବାବୁଙ୍କର। ଅତଏବ ଟ୍ରେନ୍ ଛାଡ଼ିଲା ବେଳକୁ ଆରପାଖ ତଳ ବର୍ଥରେ ସୁମିତ୍ରା ଦେବୀଙ୍କ ଆଡ଼କୁ ଯାଇ ବସିଥିଲେ ସଦାଶିବ ବାବୁ। ତଳ ସିଟ୍‌ଟା ପାଇଲା ପରେ ସମଗ୍ର ପରିବାର କୃତକୃତ୍ୟ ଅନୁଭବ କରୁଥିଲେ।

କିଛି ସମୟ ପରେ ପରିବାରଟିର ପରିଚୟ ମିଳିଗଲା ସଦାଶିବ ବାବୁଙ୍କୁ। କଅଁଳା ଛୁଆର ମାଆଟି ଯାଉଛି ବିଏଡ୍ ପରୀକ୍ଷା ଦେବାକୁ। ଆଉ ଆନ୍ଧ୍ରର ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ତା'ର ପରୀକ୍ଷା ସେଣ୍ଟର। ତାକୁ ସାହାଯ୍ୟ କରିବାକୁ ତା'ର ଶାଶୂ ଏବଂ ଦିଅର, ଯେହେତୁ ସ୍ୱାମୀଙ୍କୁ ଛୁଟି ମିଳିଲାନି। ଏଇଟି ଏକମାତ୍ର ସମ୍ଭାବ୍ୟ ବ୍ୟବସ୍ଥା। ଦିଅର ବୋଲି ଯେଉଁ ପିଲାଟି ସଦାଶିବ ବାବୁଙ୍କ ସାନପୁଅର ସମବୟସ ହୋଇପାରେ। ସେ କହିଲା, ଅଙ୍କଲ ଏ ଟ୍ରେନ୍‌ରେ ଖାଲି ପରୀକ୍ଷାର୍ଥୀ ଭର୍ତ୍ତି। ହଠାତ୍ କଥାଟା ଅମଳ ହେଲାନି ସଦାଶିବ ବାବୁଙ୍କର – ତାଙ୍କର ଚାକିରି ଜୀବନ କଟିଥିଲା କୃଷି ବିଭାଗରେ। ଧାନ, ମୁଗ, ବିରି, ବାଇଗଣ, ସାର, ପୋକ – ଔଷଧ ଏମିତିରେ ବିତିଥିଲା ତାଙ୍କର ସବୁ ସରକାରୀ ସମୟ। ମାତ୍ର ସଂଶୟ ଟୁଟାଇବା ପାଇଁ ସେ ପ୍ରଶ୍ନ କଲେ ଓଡ଼ିଶାରୁ ତା'ହେଲେ ଏତେ ପିଲା ଆନ୍ଧ୍ରରେ ପଢୁଛନ୍ତି? ଏଥର ବୋହୂଟି କହିଲା, ଅଙ୍କଲ ଓଡ଼ିଶା ସରକାରଙ୍କ ନୀତି ଫଳରେ ଆମ ପରି ଚାକିରି ଖୋଜୁଥିବା ପୁଅଝିଅଙ୍କର ଏଇ ଅବସ୍ଥା। ଚାକିରି ଖାଲି ଓଡ଼ିଶାରେ କମ୍ ସେତିକି ନୁହେଁ ପଢ଼ିବାର ବି ସୁବିଧା ନାହିଁ। କୌତୁହଳ ବଢୁଥିଲା ସଦାଶିବ ବାବୁଙ୍କର।

– ଆଚ୍ଛା, ଓଡ଼ିଶାରେ ତ ରାଧାନାଥ ଟ୍ରେନିଂ କଲେଜ, ଅନୁଗୁଳ ବି.ଏଡ୍. କଲେଜ ପରି ଆହୁରି କେତେ କଲେଜ?

– ଦୀର୍ଘଶ୍ୱାସ ଛାଡ଼ି ବୋହୂଟି କହିଲା, ସେ ଗୋଟାଏ ଲମ୍ବା କାହାଣୀ ଅଙ୍କଲ।

– କୁହ ମା', ମୁଁ ବି ଥରେ ବଗିରେ ବୁଲି ଆସିଲା ପରେ ଅନୁଭବ କରୁଚି, ଯାତ୍ରୀମାନଙ୍କ ଭିତରୁ ଶତକଡ଼ା ଅଶୀଭାଗ ପରୀକ୍ଷାର୍ଥୀ ଏବଂ ଆଉ ପ୍ରତ୍ୟେକଙ୍କର ଅନ୍ତତଃ ଦି'ଜଣ ଲେଖାଏଁ ସହଯାତ୍ରୀ। ସବୁଠୁ ଉଲ୍ଲେଖନୀୟ କଥାଟି ହେଲା– ପରୀକ୍ଷାର୍ଥୀ ମାଆମାନଙ୍କର ସଂଖ୍ୟା ପାଞ୍ଚରୁ ଛ' କେବଳ ସେଇ ବଗିରେ। ତେଣୁ ମଝିରେ ମଝିରେ ଟିକିଟିକି କଅଁଳା ଛୁଆମାନଙ୍କର କାନ୍ଦଣା ସ୍ପଷ୍ଟ କରିଦେଉଛି ସେମାନଙ୍କର ଉପସ୍ଥିତି।

– ବୁଝିଲେ ଅଙ୍କଲ, ଖାଲି ହାଇସ୍କୁଲ ସ୍ତରର ପିଲାଙ୍କୁ ପଢ଼େଇବା ପାଇଁ ନୁହେଁ ଏବେ ଯେଉଁ ଶହ ଶହ ପ୍ଲସ୍‌ଟୁ କଲେଜମାନ ଗଢ଼ିଉଠିଛି ତା'ର ଅଧ୍ୟାପକମାନଙ୍କ ପାଇଁ ବି ଯୋଗ୍ୟତା ଭିତରେ ବିଏଡ୍‌ର ଆବଶ୍ୟକତା ରହିଛି, ଏଣେ କେବଳ ସରକାରୀ କଲେଜରେ ଥିବା ସିଟ୍ ସଂଖ୍ୟା ଖୁବ୍ କମ୍। ତେଣୁ ଡିମାଣ୍ଡ ସପ୍ଲାଏ ନିୟମ ଅନୁସାରେ ଆନ୍ଧ୍ର ପାଲଟିଛି ଓଡ଼ିଆ ପିଲାଙ୍କ ପାଇଁ ଏକମାତ୍ର ଆଶ୍ରୟସ୍ଥଳ।

– ଆଚ୍ଛା ବି.ଏଡ୍ ପାଇଁ ଓଡ଼ିଶାରେ ସିଟ୍ ଅଭାବ ତ କେଉଁ କାଳରୁ ରହିଛି, ମୋର ବି ମନେପଡୁଛି ଆମର ସାଙ୍ଗମାନେ ଶିକ୍ଷା ବିଭାଗରେ ସ୍ନାତକୋର କରିବାକୁ ଯାଉଥିଲେ ହରିଆନାର କୁରୁକ୍ଷେତ୍ର ତିରିଶ ଚ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଡିଗ୍ରୀ...

ମହୋତ୍ସବରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏକାଧିକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅନ୍ତର୍ଗତ ୨୦୨୪ ଏବଂ ୨୦୨୫ ବର୍ଷର ତାଲିକାକୁ ମିଶାଇ ମୋଟ୍ ୩୭୫ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଛି। ସମଗ୍ର ରାଜ୍ୟରେ ବ୍ଲକ୍ ସ୍ତରଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହି ପୁରସ୍କାର ଯୋଜନାରେ ମୋଟ୍ ୧୩୮ କୋଟି ୯୬ ଲକ୍ଷ ୭୮ ହଜାର ୯୫୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି।

ସେହିପରି ମାତୃଭାଷା ଓଡ଼ିଆ ଅଧ୍ୟୟନରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ସମଗ୍ର ରାଜ୍ୟର ୭,୩୫୦ ଜଣ ମେଧାବୀ ଛାତ୍ରଛାତ୍ରୀ ପ୍ରତ୍ୟେକଙ୍କୁ ବାର୍ଷିକ ୭,୫୦୦ ଟଙ୍କା 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ପ୍ରଦାନ କରାଯାଉଥିବା ବେଳେ ଆଜି ମଞ୍ଚରେ ୧୦ ଜଣ କୃତୀ ଛାତ୍ରଛାତ୍ରୀ ଏବଂ ୪ ଜଣ ସିଏଚ୍‌ଏସ୍‌ଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ପୁସ୍ତକଗତ ଜ୍ଞାନରୁ ଊର୍ଦ୍ଧ୍ୱକୁ ନେଇ ପ୍ରୟୋଗାତ୍ମକ ବିଜ୍ଞାନ ସହ ଯୋଡ଼ିବା ଉଦ୍ଦେଶ୍ୟରେ ୮୦୭ଟି ବିଦ୍ୟାଳୟରେ ଅତ୍ୟାଧୁନିକ ରୋବୋଟିକ୍ସ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି, ଯେଉଁଠାରେ ଷଷ୍ଠରୁ ଦଶମ ଶ୍ରେଣୀର ପିଲାମାନେ ରୋବୋଟିକ୍ସ, କୋଡିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି ବୈଷୟିକ ଶିକ୍ଷା ଲାଭ କରିପାରିବେ।

ରାଜନୀତିକୁ ଆସିବା ପୂର୍ବରୁ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରିଥିବାର ଅନୁଭୂତିକୁ ମନେପକାଇ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଭାବବିହ୍ୱଳ ଭାବେ କହିଥିଲେ ଯେ ସେ ଏଠାକୁ କେବଳ ଜଣେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଜଣେ ଶିକ୍ଷକ ଭାବେ ଆସିଛନ୍ତି, କାରଣ ଯେତେବେଳେ ବି ସେ କୌଣସି ବିଦ୍ୟାଳୟ କିମ୍ବା ଛାତ୍ରଭିତ୍ତିକ କାର୍ଯ୍ୟକ୍ରମକୁ ଯାଆନ୍ତି, ତାଙ୍କ ଭିତରେ ଥିବା ଶିକ୍ଷକଟି ଆପେଆପେ ବାହାରକୁ ଆସିଥାଏ। ଶୈଶବ ଅବସ୍ଥାର ଗୁରୁତ୍ୱ ବର୍ଣ୍ଣନା କରି ସେ କହିଛନ୍ତି ଯେ ମଣିଷ ଜୀବନର ବିଭିନ୍ନ ପର୍ଯ୍ୟାୟ ମଧ୍ୟରୁ ଶୈଶବ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, କାରଣ ଏହି ସମୟରେ ଶିଶୁ ଏକ କଞ୍ଚା ମାଟି ପିଣ୍ଡୁଳା ପରି ରହିଥାଏ। କୁମ୍ଭାର ଯେପରି କଞ୍ଚା ମାଟିକୁ ନିଜ ମନ ମୁତାବକ ସୁନ୍ଦର ଆକାର ଦେଇଥାଏ, ସେହିପରି ଶିକ୍ଷା, ଦୀକ୍ଷା, ପ୍ରଶିକ୍ଷଣ ଓ ସଂସ୍କାର ମାଧ୍ୟମରେ ନିଷ୍ପାପ ଶିଶୁମାନଙ୍କୁ ଜଣେ ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିତୋଳିବା ପିତାମାତା ଓ ଶିକ୍ଷକମାନଙ୍କର ପବିତ୍ର କର୍ତ୍ତବ୍ୟ।

ଓଡ଼ିଶାରେ ବର୍ତ୍ତମାନ ଦ୍ରୁତ ଗତିରେ ଚାଲିଥିବା ଶିଳ୍ପାୟନ ଆଗାମୀ ଦିନରେ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯାଉଥିବାରୁ ଛାତ୍ରଛାତ୍ରୀମାନେ ପାଠରେ ମନ ଦେଇ ନିଜକୁ ସେଥିପାଇଁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଚଳିତ ବର୍ଷ 'ସୁରଭି-୨୦୨୬'ର ମୁଖ୍ୟ ବିଷୟବସ୍ତୁ ରହିଛି 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା'। ଏହି ପରିପ୍ରେକ୍ଷୀରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓଡ଼ିଆ ଭାଷାରେ ସର୍ବାଧିକ ନମ୍ବର ରଖୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ଯୋଜନା କାର୍ଯ୍ୟକାରୀ ହେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଛି। ଛୋଟ ପିଲାମାନଙ୍କ ଶିକ୍ଷା ଆରମ୍ଭ ପାଇଁ 'ଶିଶୁ ବାଟିକା' ଖୋଲାଯିବା ସହ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରତିଷ୍ଠା କରାଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଡିଜିଟାଲ୍ ତାରତମ୍ୟକୁ ଦୂର କରିବା ପାଇଁ ୮୦୭ଟି ବିଦ୍ୟାଳୟରେ ଖୋଲାଯାଇଥିବା ରୋବୋଟିକ୍ସ ଲ୍ୟାବ୍‌ଗୁଡ଼ିକରେ ଚାରୋଟି ଲେଖାଏଁ ରୋବୋଟ୍, ରୋବୋଟିକ୍ସ କିଟ୍, କମ୍ପ୍ୟୁଟର ଓ ଥ୍ରୀ-ଡି ପ୍ରିଣ୍ଟିଂ ସୁବିଧା ଉପଲବ୍ଧ କରାଯାଇଛି, ଯାହାଦ୍ୱାରା ପିଲାମାନେ ୧୦୦ରୁ ଅଧିକ ଅଭିନବ ପ୍ରକଳ୍ପ ଉପରେ କାର୍ଯ୍ୟ କରି ନିଜକୁ ଭବିଷ୍ୟତର ଉଦ୍ଭାବକ ଭାବେ ଗଢ଼ିତୋଳିପାରିବେ।

ଏହି ସମାରୋହରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ 'ସୁରଭି' କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି ସେମାନଙ୍କର ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ନୃତ୍ୟ, ତର୍କ, କୁଇଜ୍ ଓ ସୃଜନଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥାଏ। ଏହା ପିଲାମାନଙ୍କୁ ନିଜ ପ୍ରତିଭା ଚିହ୍ନିବା ସହିତ ନିଜ ମତାମତକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିବାର ସୁଯୋଗ ଦେଇଥାଏ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତବ୍ୟକ୍ତ କରିଛନ୍ତି।

ଆଜିର ଏହି ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ଥିରୁମାଲା ନାଏକ ଏବଂ ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ସୂଚନା ଥାଉକି, ନଭେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ ରାଜ୍ୟସ୍ତରୀୟ ସମାରୋହରେ ସମଗ୍ର ରାଜ୍ୟରୁ ୨,୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ୧,୦୦୦ରୁ ଅଧିକ ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଛନ୍ତି। ଏହି ଅବଧି ମଧ୍ୟରେ ପିଲାମାନଙ୍କ ବୌଦ୍ଧିକ ଓ ସୃଜନାତ୍ମକ ବିକାଶ ପାଇଁ ବିତର୍କ, ପ୍ରବନ୍ଧ ଲିଖନ, ବକ୍ତୃତା, ସୃଜନଶୀଳ ଲିଖନ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ପିଏମ୍-ପୋଷଣର ଚିତ୍ରକଳା ଓ ଶିଳ୍ପକଳା ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହେଉଛି।

ଖୁଚୁରା...

ଏହା ଯଥେଷ୍ଟ ବୃଦ୍ଧି ପାଇଛି। ସାଂଖ୍ୟିକୀ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ, ଖାଦ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରର ୭.୬୪ ପ୍ରତିଶତରୁ ବୃଦ୍ଧି ପାଇ ଅକ୍ଟୋବରରେ ୮.୯୪ ପ୍ରତିଶତରେ ପହଞ୍ଚିଛି। ଅକ୍ଟୋବର ମାସରେ ସର୍ବାଧିକ ଦରବୃଦ୍ଧି ହୋଇଥିବା ୫ଟି ସାମଗ୍ରୀ ମଧ୍ୟରେ ପିଆଜର ମୂଲ୍ୟ ୧୧୬.୨୨ ପ୍ରତିଶତ, ରସୁଣ ୬୦.୬୪ ପ୍ରତିଶତ, ରୂପା ଅଳଙ୍କାର ୫୨.୩୯ ପ୍ରତିଶତ, ଅଦା ୪୮.୩୨ ପ୍ରତିଶତ ଏବଂ ଲେମ୍ବୁ ୪୭.୩୦ ପ୍ରତିଶତ ବୃଦ୍ଧି ପାଇଛି।

ଆରବିଆଇକୁ ମୁଦ୍ରାସ୍ଫୀତି ୨ରୁ ୬ ପ୍ରତିଶତ ମଧ୍ୟରେ ରଖିବାର ଦାୟିତ୍ୱ ଦିଆଯାଇଛି। ୨୦୨୪ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୨୫ ପ୍ରତିଶତ ରହିଥିଲା। ଚଳିତ ଅକ୍ଟୋବରର ମୁଦ୍ରାସ୍ଫୀତି ତଥ୍ୟ ଡିସେମ୍ବର ୨ରୁ ୪ ତାରିଖ ମଧ୍ୟରେ ହେବାକୁ ଥିବା ଆରବିଆଇର ମୁଦ୍ରାନୀତି କମିଟି ବୈଠକ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ହୋଇଛି।

ଉଲ୍ଲେଖଯୋଗ୍ୟ, ଅକ୍ଟୋବର ମାସରେ ଆରବିଆଇ ପ୍ରାୟ ୪ ବର୍ଷ ପରେ ପ୍ରଥମ ଥର ପାଇଁ ମୁଖ୍ୟ ନୀତିଗତ ସୁଧ ହାରରେ ୦.୨୫ ପ୍ରତିଶତ ବୃଦ୍ଧି କରି ଏହାକୁ ୫.୫୦ ପ୍ରତିଶତରେ ପହଞ୍ଚାଇଥିଲା। ମୁଦ୍ରାସ୍ଫୀତି ବୃଦ୍ଧି, ଟଙ୍କାର ଦୁର୍ବଳତା ଏବଂ ଅଶୋଧିତ ତୈଳର ଉଚ୍ଚ ମୂଲ୍ୟକୁ ଦୃଷ୍ଟିରେ ରଖି ଆଗକୁ ମଧ୍ୟ ସୁଧ ହାର ବୃଦ୍ଧି ହୋଇପାରେ ବୋଲି ଆରବିଆଇ ସଙ୍କେତ ଦେଇଥିଲା।

ରାଜ୍ୟରେ...

ବସ୍ ଭଡ଼ା ସଂଶୋଧନ କରିଥିବା ଜଣାପଡ଼ିଛି। ଏହି ବୃଦ୍ଧିର ପ୍ରଭାବ ସରକାରୀ ବସ୍ରେ ମଧ୍ୟ ପଡ଼ିଛି। ପୂର୍ବରୁ ଚଳିତ ବର୍ଷ ଜୁନ୍ ମାସରେ ବସ୍ ଭଡ଼ାରେ ବୃଦ୍ଧି ହୋଇଥିଲା। ମୋଟାମୋଟି ଭାବେ ବିଭିନ୍ନ ବର୍ଗରେ ପାଖାପାଖି ୩୦ ପ୍ରତିଶତ ପର୍ଯ୍ୟନ୍ତ ବସ୍ ଭଡ଼ା ବୃଦ୍ଧି ହୋଇଥିବା କୁହାଯାଉଛି। ତେବେ ଏହି ନିଷ୍ପତ୍ତି ଦ୍ୱାରା ଦୈନିକ ବସ୍ରେ ଯାତାୟାତ କରୁଥିବା ସାଧାରଣ ଯାତ୍ରୀ, ଚାକିରିଆ, ଛାତ୍ରଛାତ୍ରୀ ଓ ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଲୋକଙ୍କ ଯାତାୟାତ ଖର୍ଚ୍ଚ ବଢ଼ିବା ନିଶ୍ଚିତ।

ବାତ୍ୟା...

ଆହୁରି ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ । ୧୭ ତାରିଖ ସୁଦ୍ଧା ବାତ୍ୟା ଏବଂ ପରେ ଭୀଷଣ ବାତ୍ୟା ରୂପ ନେଇ ସ୍ଥଳଭାଗ ଆଡ଼କୁ ମାଡ଼ିଆସିବ । ତେବେ ଏହା କେଉଁ ଉପକୂଳ ଅତିକ୍ରମ କରିବ ସ୍ପଷ୍ଟ କରାଯାଇ ନାହିଁ । ୧୫ ତାରିଖ ପରେ ଏହାର ସ୍ଥିତି ସ୍ପଷ୍ଟ ହେବ ।

ସମ୍ବିଧାନ...

ସ୍ଥଗିତ କରାଯାଇଥିଲେ ସୁଦ୍ଧା ୯୧ ଦିନ ପରେ ବି ଏହାର ସତ୍ର ଅବସାନ କରାଯାଇନାହିଁ। ତେଣୁ ଚାଲିଥିବା ଅଧିବେଶନ ମଧ୍ୟରେ ବୈଠକକୁ ପୁନଃ ଡାକିବା ଓ ଏହାର ଅବଧି ବଢ଼ାଇବାକୁ ସର୍ବନିମ୍ନ ଦୁଇ ଦିନର ନୋଟିସ୍ ଆବଶ୍ୟକ। ନୂଆ ଅଧିବେଶନ ଡାକିବାକୁ ହେଲେ ୧୪ ଦିନର ନୋଟିସ୍ ଦେବାକୁ ପଡ଼େ। ତେଣୁ ସରକାର ସତ୍ର ଅବସାନ ଘୋଷଣା କରିନଥିବାରୁ ଏହି ଅଧିବେଶନ ଡକାଯାଇପାରେ ବୋଲି ସମ୍ଭବତଃ ଆଲୋଚନା ହେଉଛି। ଲୋକସଭାରେ ଏବେ ଚିତ୍ର ବଦଳିଛି। ଟିଏମ୍‌ସିର ୨୦ ଓ ଶିବସେନାର ୬ ସାଂସଦ ଏନ୍‌ଡିଏ ସହ ହାତ ମିଳାଇଛନ୍ତି। ତେବେ ଡିଏମ୍‌କେ ସହ କଂଗ୍ରେସର ମେଣ୍ଟ ଭାଙ୍ଗିବା ପରେ ସେ ଏବେ ବିରୋଧୀ ଇଣ୍ଡିଆ ବ୍ଲକ୍‌ରେ ନାହିଁ। ଡିଏମ୍‌କେକୁ ମନାଇବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ଏ ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ।

ବିଦେଶୀ...

କରାଯିବ। ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୭ ଅଗଷ୍ଟ ୨୦୨୬ରେ ଘୋଷିତ ବ୍ୟାପକ ଭିସା ସରଳୀକରଣ ପ୍ରକ୍ରିୟାର ଏହା ଏକ ଅଂଶ। ଏହି ପରିବର୍ତ୍ତନ ଅନୁଯାୟୀ, ଭାରତରେ ମୁଖ୍ୟ ଭିସା ବର୍ଗ ସଂଖ୍ୟା ୧୩ରୁ ୯କୁ ହ୍ରାସ କରାଯାଇଛି। ସେହିପରି ଉପବର୍ଗ ସଂଖ୍ୟା ୪୯ରୁ ୨୩କୁ କମାଯାଇଛି।

ଏହା ଗତ ଏକ ବର୍ଷରୁ ଅଧିକ ସମୟ ମଧ୍ୟରେ ଦ୍ୱିତୀୟ ଭିସା ସରଳୀକରଣ ପଦକ୍ଷେପ। ଏହା ପୂର୍ବରୁ ଅକ୍ଟୋବର ୨୦୨୫ରେ ମୁଖ୍ୟ ଭିସା ବର୍ଗ ସଂଖ୍ୟା ୨୨ରୁ ୧୩କୁ ଏବଂ ଉପବର୍ଗ ସଂଖ୍ୟା ୬୩ରୁ ୪୯କୁ ହ୍ରାସ କରାଯାଇଥିଲା। ସମାନ ପ୍ରକୃତିର ଯାତ୍ରା ଓ କାର୍ଯ୍ୟକଳାପକୁ କମ୍ ସଂଖ୍ୟକ ଭିସା ବର୍ଗ ଅଧୀନରେ ଆଣିବା, ଆବେଦନ ଫର୍ମକୁ ସଂକ୍ଷିପ୍ତ କରିବା ଏବଂ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପାଇଁ ପ୍ରକ୍ରିୟାକୁ ସହଜ କରିବା ଏହି ସଂସ୍କାରର ମୁଖ୍ୟ ଲକ୍ଷ୍ୟ। ନୂତନ ବ୍ୟବସ୍ଥା ଅନୁଯାୟୀ, ଭାରତର ଭିଜିଟର ଭିସାର ପରିସର ବୃଦ୍ଧି ପାଇଛି। ଯାତ୍ରାର ଅବଧି ଓ ଉଦ୍ଦେଶ୍ୟ ଅନୁସାରେ ବିଦେଶୀ ନାଗରିକମାନେ ଭି-୧ କିମ୍ବା ଭି-୨ ଭିସା ଚୟନ କରିପାରିବେ।

ନିଖୋଜ...

ଏହାକୁ ନେଇ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିଥିଲା। ସେମାନେ ଫେରି ନଆସିବାରୁ ସନ୍ଧାନ ଅଭିଯାନ ଆରମ୍ଭ ହୋଇଥିଲା। ଶେଷରେ ଆଜି ସକାଳେ ଧେର୍ନା ଟପ୍ ଅଞ୍ଚଳରୁ ମୃତଦେହ ଉଦ୍ଧାର କରାଯାଇଛି।

ଘଟଣା ପରେ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ପୁଲିସ ଓ ସୁରକ୍ଷାବାହିନୀ ପକ୍ଷରୁ ମିଳିତ ସନ୍ଧାନ ଅଭିଯାନକୁ ଜୋରଦାର କରାଯାଇଛି। କିସ୍ତୱାଡ଼ ଜିଲ୍ଲାର ଦୁର୍ଗମ ଓ ଜଙ୍ଗଲ ଅଞ୍ଚଳରେ ଅବଶିଷ୍ଟ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଦୀର୍ଘଦିନ ଧରି ସୁରକ୍ଷା ଅଭିଯାନ ଚାଲିଛି। ବିଭିନ୍ନ ଆତଙ୍କବାଦ ବିରୋଧୀ ଅଭିଯାନରେ ଅନେକ ସକ୍ରିୟ ଆତଙ୍କବାଦୀ ନିହତ ହୋଇଥିବାରୁ ଜିଲ୍ଲାରେ ସେମାନଙ୍କ ଉପସ୍ଥିତି ଦୁର୍ବଳ ହୋଇଛି। ଏହି ଘଟଣାର କିଛି ସପ୍ତାହ ପୂର୍ବରୁ ଅକ୍ଟୋବର ୧୬ ତାରିଖରେ କିସ୍ତୱାଡ଼ର ୱାନିପୋରା ତ୍ରିଗାମ ଅଞ୍ଚଳରେ ଆଉ ଜଣେ ୫୫ ବର୍ଷୀୟ ଏସ୍‌ପିଓ ବଶିର ଅହମ୍ମଦଙ୍କ ମୃତଦେହ ତାଙ୍କ ବାସଭବନ ନିକଟରୁ ମିଳିଥିଲା। ସେ ପେଡିଲ ପୁଲିସ ପୋଷ୍ଟରେ କାର୍ଯ୍ୟରତ ଥିଲେ। ଡ୍ୟୁଟିରୁ ଘରକୁ ଫେରୁଥିବା ସମୟରେ ସେ ତାଙ୍କ ସର୍ଭିସ୍ ଏସ୍‌ଏଲ୍‌ଆର୍ ରାଇଫଲ ଓ ମ୍ୟାଗାଜିନ୍ ସହ ନିଖୋଜ ହୋଇଥିଲେ। ପରବର୍ତ୍ତୀ ପୁଲିସ ତଦନ୍ତରୁ ଜମି ବିବାଦକୁ କେନ୍ଦ୍ର କରି ତାଙ୍କ ସମ୍ପର୍କୀୟମାନେ ହତ୍ୟା କରିଥିବା ଜଣାପଡ଼ିଥିଲା।

ଡେବ୍ରିଗଡ଼ରେ ଚିତାବାଘ ଶିକାର ଯୋଜନା ପଣ୍ଡ, ୨ ଶିକାରୀ ଗିରଫ

ସମ୍ବଲପୁର, (ସଚୁ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ଼ ଅଭୟାରଣ୍ୟରେ ଚିତାବାଘ ଶିକାର ଯୋଜନା କରୁଥିବା ବେଳେ ୨ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ବରଗଡ଼ ଜିଲ୍ଲା ରାଉତପଡ଼ା ଗ୍ରାମର ଘନଶ୍ୟାମ ମିର୍ଦ୍ଧା (୪୦) ଓ ସୁପ୍ରସାଦ ସୁଏ (୪୮) ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ଶିକାର ଫାନ୍ଦ, ଜାଲ, ୩ କେଜି ବୈଦ୍ୟୁତିକ ହୁକିଂ ତାର, ୨ କେଜି କେବୁଲ ତାର ଓ ୨ ବଣ୍ଡଲ ଫାନ୍ଦ ଜାଲ ଜବତ ହୋଇଛି । ଏହି ସାମଗ୍ରୀ ଦ୍ୱାରା ବିଦ୍ୟୁତ ଲଗାଇ ଓ ଫାନ୍ଦ ପକାଇ ବନ୍ୟଜନ୍ତୁଙ୍କୁ ମାରିବାର ଯୋଜନା ହେଉଥିଲା । ତେବେ ଲଖନପୁର ରେଞ୍ଜ ପକ୍ଷରୁ ଉଭୟଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଡେବ୍ରିଗଡ଼ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ଓ ବରଗଡ଼ ଜିଲ୍ଲା ପୋଲିସର ପ୍ରାୟ ୭୦ ଜଣ ସଶସ୍ତ୍ର କର୍ମଚାରୀ ଅଭୟାରଣ୍ୟ ସୀମାନ୍ତ ୫ଟି ଗାଁରେ ବ୍ୟାପକ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ପଶୁ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ସହ ଉପରୋକ୍ତ ଅଭିଯୁକ୍ତ ମାନେ ଗିରଫ ହୋଇଥିଲେ । ସେମାନେ ଅଭୟାରଣ୍ୟ ଭିତରେ ଚିତାବାଘ ପାଇଁ ଫାନ୍ଦ ପକାଇ ସାରିଥିଲେ । ଅନ୍ୟପଟେ ଦୀର୍ଘ ବର୍ଷ ପରେ ଏହି ଅଭୟାରଣ୍ୟକୁ ମହାବଳ ବାଘ ଫେରିଛି । ବାଘର ଉପସ୍ଥିତି ଜଣାପଡିବା ପରେ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସମଗ୍ର ଅଞ୍ଚଳରେ ସ୍ୱତନ୍ତ୍ର କ୍ୟାମେରା ଟ୍ରାପ କରାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି । ଫାଶ ବସାଇ ବେଆଇନ ଶିକାର ବାଘର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ସନ୍ଦେହ ଜନକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି । ଡେବ୍ରିଗଡ଼ କର୍ତ୍ତୃପକ୍ଷଙ୍କୁ ଶିକାର ସମ୍ପର୍କିତ ବିଶ୍ୱସ୍ତ ସୂଚନା ଦେଲେ ୧୦୦୦ ଟଙ୍କା ନଗଦ ପୁରସ୍କାର ଘୋଷଣା କରାଯାଇଛି । ଶିକାରୀମାନେ ପ୍ରାୟତଃ ଜଙ୍ଗଲ ପାଖ ଗାଁରେ ଅସ୍ତ୍ର ଲୁଚାଇ ରଖୁଥିବାରୁ ଅଭୟାରଣ୍ୟ ସୀମାରେ ମେଟାଲ ଡିଟେକଫର ଓ ଲାଇଭ ଓ୍ୱାୟାର ଡିଟେକଫର ଦ୍ୱାରା ଯାଞ୍ଚ କରାଯାଉଛି । ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଗୁଇନ୍ଦା ତଥ୍ୟ ଆଧାରିତ ଚଢ଼ାଉ, ପାଟ୍ରୋଲିଂ ଓ ନଜର ରଖା ଯାଇଛି । ପୂର୍ବରୁ ୨୦୨୨ରେ ଗୋଟିଏ ମହାବଳ ବାଘ ଡେବ୍ରିଗଡରେ ଦେଖିବାକୁ ମିଳିଥିଲା । ପ୍ରାୟ ଦେଢ଼ ବର୍ଷ ସେ ଏହି ଅଭୟାରଣ୍ୟରେ ରହିଥିଲା । ପରେ ଛତିଶଗଡ ଗୋମର୍ଦ୍ଦା ଅଭୟାରଣ୍ୟକୁ ଯାଇ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିଲା । ଏହି ଘଟଣାକୁ ଦୃଷ୍ଟିରେ ରଖି ବନ ବିଭାଗ ଏହି ମହାବଳ ବାଘର ସୁରକ୍ଷା, ଖାଦ୍ୟ ଓ ବାସସ୍ଥଳୀ ଉପରେ ସ୍ୱତନ୍ତ୍ର ନଜର ରଖିଥିବା ହୀରାକୁଦ ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ।

10001/708/2627 E.mail : vimsarsuptd24@gmail.com

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT,
VSS INSTITUTE OF MEDICAL SCIENCES & RESEARCH,
BURLA.(SAMBALPUR) ODISHA-768017

No. 17763/VIMSAR Dated. Burla, the 10 th November.2026

TENDER CALL NOTICE

Sealed Tenders are hereby





ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି
ମୟୁରଭଞ୍ଜ, ହିଞ୍ଜିଳି ଓ ସେରଗଡର ବିଭିନ୍ନ କଲେଜର ନିର୍ବାଚିତ ପ୍ରତିନିଧିମାନେ

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଆଇକନିକ୍ ଟାୱାର ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି

କଟକ, (ସ୍ୱପ୍ର): ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଶ୍ରୀଶ୍ରୀ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ କାଳରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମିତ ଆଇକନିକ୍ ଟାୱାର ନଭେମ୍ବର ୧୬ ତାରିଖ ଉଦଘାଟିତ ହେବ । ମଧ୍ୟାହ୍ନ ୧୨ ଘଟିକା ସମୟରେ ହେବାକୁ ଥିବା ଏହି ଉଦଘାଟନ କାର୍ଯ୍ୟକ୍ରମରେ ଭାରତର ଉପରାଷ୍ଟ୍ରପତି ଚନ୍ଦ୍ରପୁରମ୍ ପୋନ୍ନୁସାମୀ ରାଧାକୃଷ୍ଣନ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ । ବିଖ୍ୟାତ ଲିଙ୍ଗରାଜ ମନ୍ଦିର ଶୈଳୀରେ ନିର୍ମିତ ଏହି ପ୍ରକାଣ୍ଡ ଅଟ୍ଟାଳିକାଟିରେ ରହିଛି ୧୪ଟି ତଳ ବା ମହଲା ଯାହା "ଚଉଦ ଲୋକ'ର ପ୍ରତିନିଧିତ୍ୱ କରୁଛି । ସେଗୁଡ଼ିକ ହେଉଛି ସପ୍ତ ଊର୍ଦ୍ଧ୍ୱଲୋକ ଯଥା: ସତ୍ୟଲୋକ, ତପଲୋକ, ଜନଲୋକ, ମହର୍ଲୋକ, ସ୍ୱର୍ଗଲୋକ, ଭୁବର୍ଲୋକ ଓ ଭୂଲୋକ ଏବଂ ସପ୍ତ ଅଧୋଲୋକ ଯଥା : ଅତଳଲୋକ, ବିତଳଲୋକ, ସୁତଳଲୋକ, ତଳାତଳଲୋକ, ମହାତଳଲୋକ, ରସାତଳଲୋକ ଏବଂ ପାତାଳଲୋକ । ଏହାର ନିର୍ମାଣ ଅଞ୍ଚଳ (ବିଲଫ ଅପ୍ ଏରିଆ) ହେଉଛି ୩ ଲକ୍ଷ



୨୫ ହଜାର ବର୍ଗଫୁଟ, ଯାହାର ଚତୁର୍ଦ୍ଦଶ ମହଲାରେ ୨୨୬ ଆସନ ବିଶିଷ୍ଟ ଏକ ପ୍ଲାନେଟାରିୟମ୍ ନିର୍ମିତ ହୋଇଛି । ଏହାର ଶିଖରରେ ଅବସ୍ଥାପିତ କଳସର ଉଚ୍ଚତା ହେଉଛି ୨୪ ଫୁଟ । ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ପରିକଳ୍ପନାରେ ନିର୍ମିତ ଏହି ଅଟ୍ଟାଳିକାରେ ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରା ସହ ଆଧୁନିକ ବିଜ୍ଞାନ, ମହାକାଶ ଗବେଷଣା ଓ ସ୍ୱାସ୍ଥ୍ୟସେବାକୁ ଏକାଠି ଯୋଡ଼ାଯାଇଛି । ଉପରାଷ୍ଟ୍ରପତିଙ୍କ ହାତରେ ଲୋକାର୍ପିତ ହେବା ପରେ ଏହି ଟାଓ୍ୱାରରେ ଚିକିତ୍ସା ଓ ଆୟୁର୍ବେଦ ଶିକ୍ଷା ସହ ଗବେଷଣା ସୁବିଧା ଉପଲବ୍ଧ ହେବ । ଫଳରେ ଏହା ଚିକିତ୍ସା ଶିକ୍ଷା ଓ ଗବେଷଣାର ଏକ ପ୍ରମୁଖ କେନ୍ଦ୍ର ପାଲଟିବ ।

୧୫ରୁ ଗୋଶାଳାରେ ତିନିଦିନିଆ ଗୋପାଷ୍ଟମୀ ମେଳା

ମାଗଣା ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର

କଟକ, (ସବୁ୍ୟ) : ନୟାବଜାରସ୍ଥିତ ଶ୍ରୀ ଗୋପାଳ କୃଷ୍ଣ ଗୋଶାଳା ପକ୍ଷରୁ ଆସନ୍ତା ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗୋପାଷ୍ଟମୀ ମେଳା-୨୦୨୬ ଆୟୋଜିତ ହେବ। ଏହି



ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ସମେତ ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମେଳାର ପ୍ରଥମ ଦିନ ନଭେମ୍ବର ୧୫ ତାରିଖ ରବିବାର ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିରେ ଦନ୍ତ, ଚର୍ମ, ସ୍ନାୟୁରୋଗ ଓ ଫିଜିଓଥେରାପି ସମ୍ବନ୍ଧୀୟ ପରାମର୍ଶ ଓ ପରୀକ୍ଷା କରାଯିବ ।ଆବଶ୍ୟକ ଅନୁଯାୟୀ ଯୋଗ୍ୟ ରୋଗୀଙ୍କୁ ମାଗଣାରେ ଚଷମା ଓ ଚାଲିବା ପାଇଁ ଷ୍ଟିକ୍ ମଧ୍ୟ ଯୋଗାଇ ଦିଆଯିବ ।ନଭେମ୍ବର ୧୬ ତାରିଖ ସୋମବାର ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୭ ତାରିଖ ମଙ୍ଗଳବାର ଗୋପାଷ୍ଟମୀ ମହୋତ୍ସବ ପାଳନ କରାଯିବ। ଶେଷ ଦିନ ସକାଳ ୭ଟାରୁ ମହୋତ୍ସବର ଶୁଭାରମ୍ଭ ସହ ଗୋପୂଜା ଓ ଗୋସେବା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ବାର୍ଷିକ ସମାରୋହ ଆୟୋଜିତ ହେବ ବୋଲି ଆହୁତ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ କାଣ୍ଡୋଇ ସୂଚନା ଦେବା ସହ ବହୁ ସଂଖ୍ୟାରେ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି ମାନେ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ଶ୍ରୀ ଗୋପାଳ କୃଷ୍ଣ ଗୋଶାଳା ଦୀର୍ଘ ୧୨୦ ବର୍ଷ ଧରି ଗୋସେବା ଓ ଗୋସୁରକ୍ଷା କାର୍ଯ୍ୟ ଜାରି ରଖିଛି। ଏଠାରେ ଏକ ହଜାରରୁ ଊର୍ଦ୍ଧ୍ୱ ଗୋବଂଶ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୯୦୦ଟି ବୃଦ୍ଧ, ଅସୁସ୍ଥ ଓ ଅକ୍ଷମ। ଗୋବଂଶର ଯତ୍ନ ନେବା ପାଇଁ ୮୫ ଜଣ ସେବାୟତ ଓ କର୍ମଚାରୀ ନିୟୋଜିତ ଅଛନ୍ତି। ଗୋଶାଳାର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ହେଉଥିବାବେଳେ ଏହାର ୮୦ ପ୍ରତିଶତ ଜନସାଧାରଣଙ୍କ ଦାନରୁ ସଂଗୃହୀତ ହୋଇଥାଏ। ଗୋଶାଳା ପକ୍ଷରୁ ନିୟମିତ ଭାବେ ମାଗଣା ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଉଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୦୮ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବୁ୍ୟ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୦୮ ତମ ପ୍ରତିଷ୍ଠା ଦିବସ ତା ୧୧.୧୧.୨୦୨୬ରିଖରେ ପାଳିତ ହୋଇଯାଇଛି। ୧୯୧୯ ମସିହାରେ ପ୍ରତିଷ୍ଠିତ ଏହି ବ୍ୟାଙ୍କ ଶତାବ୍ଦୀରୁ ଉଦ୍ଧର୍ବ୍ ସମୟ ଧରି ଗ୍ରାହକଙ୍କ ବିଶ୍ୱାସ, ନବ ସୃଜନ ଓ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବାର ପରମ୍ପରାକୁ ବଜାୟ ରଖିଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ରଞ୍ଜନ ସହାୟ, ଆଞ୍ଚଳିକ ଆସ୍ୟୁରାନ୍ସ ମୁଖ୍ୟ ଶଙ୍କର ହେମ୍ବ୍ରମ୍, ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ତୁଷାର କାନ୍ତ କରଙ୍କ ସମେତ କର୍ମଚାରୀ, ପେନ୍‌ସନ୍‌ଭୋଗୀ, ଅବସରପ୍ରାପ୍ତ କର୍ମଚାରୀ, ମୂଲ୍ୟବାନ୍ ଅଂଶୀଦାର ଓ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ।

ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏମ୍‌ସ କ୍ୟାମ୍ପସ୍ ନିକଟରେ ଅନ୍ନଦାନ କାର୍ଯ୍ୟକ୍ରମ ଓ ୱାକାଥନ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ମୁଖ୍ୟ ସହାୟ ମହୁରା ଓ କିଟ୍ସ ସ୍କୋୟାର ଠାରେ ଦୁଇଟି ଯୁବା ଶାଖା ଏବଂ ଇନ୍‌ଫୋସିଟିଠାରେ ଗୋଟିଏ ଷ୍ଟାର୍ଟ ଅପ୍ ଶାଖାର ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର ଏହି ୧୦୮ ତମ ପ୍ରତିଷ୍ଠା ଦିବସ ଦେଶବ୍ୟାପି ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ୧୧.୧୭ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ବ୍ୟାଙ୍କିଙ୍ଗ୍ ଓ ବ୍ୟବସାୟିକ କାରବାରକୁ ଅଧିକ ସରଳ ଓ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଡିଜିଟାଇଜ୍‌ଡ କର୍ପୋରେଟ୍ ସାଲାରୀ ଆକାଉଣ୍ଟ, ୟୁନିୟନ୍ ଭେଇକିଲ୍ ପ୍ଲସ୍, ପିପିଏଫ୍ ଉପରେ ଡିଜିଟାଲ ଋଣ, ୟୁପିଆଇ-ଗ୍ଲୋବାଲ୍ ସର୍କଲ, ଆଇସିଡି ଆଣ୍ଡ୍ ଅଟୋପେ, ଅନ୍‌ଲାଇନ୍ ଲକର ସୁବିଧା, ଏମ୍-ପାସ୍‌ବୁକ୍, ଏନ୍‌ପିଏସ୍ ଡକ୍ରାଳ, ଓମ୍ନି ଚ୍ୟାନେଲ ଅଭିଜ୍ଞତା ସହିତ ରିଟେଲ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ଡିଜିଟାଲ ସଲ୍‌ଭେନ୍ସି ସାର୍ଟିଫିକେଟ୍ ଏବଂ ସେଣ୍ଟ୍ରାଲାଇଜ୍‌ଡ କଷ୍ଟମର ମ୍ୟାନେଜମେଣ୍ଟ ପୋର୍ଟାଲ୍ ଆଦି ଅନେକ ନୂତନ ଉତ୍ପାଦ ଓ ସେବାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୧୦୮ଟି ନୂତନ ଶାଖା ଖୋଲାଯିବା ସମ୍ପର୍କରେ ଘୋଷଣା କରାଯିବା ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନ୍ତର୍ଗତ ୧୩.୭୨ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା।



ଗଞ୍ଜେଇ, ମଦ ସମେତ ସ୍କୁଟି ଜବତ: ୩ ଗିରଫ

ବାଲୁଗାଁ ,(ସବୁ୍ୟ):ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ପୃଥକ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଓ ଦେଶୀ ମଦ ସମେତ ଏକ ସ୍କୁଟି ଜବତ ହୋଇଛି । ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଖସି ପଳାଇଛି । ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ମିନାପୁର ଗ୍ରାମର ରବୀନ୍ଦ୍ର ଶବର, ସୁଦର୍ଶନ ଶବର ଏବଂ ଖୋର୍ଦ୍ଧା ଜିଲ୍ଲା ନାବୁଣୀ ଥାନା ବାଲିଆ ଗ୍ରାମର ବାବୁଲି ସ୍ୱାଇ । ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଝଂଟିକାପଲ୍ଲୀ ଗ୍ରାମ ରାସ୍ତାର ତାରିଣୀ ମନ୍ଦିର ନିକଟରୁ ରବୀନ୍ଦ୍ର ଏବଂ ସୁଦର୍ଶନଙ୍କ ଠାରୁ ମୋଟ ୨୫ ଲିଟର ମଦ ଜବତ କରାଯାଇଥିଲା ।ସେ ଏମାନେ ଗଞ୍ଜାମ ଅଞ୍ଚଳରୁ ପାହାଡ଼ ଅତିକ୍ରମ କରି ମଦ ନେଇ ଆସୁଥିଲେ । ପରବର୍ତ୍ତୀ ସମୟରେ ବାଣପୁର ନିକଟ କୋଷରଡ଼ା ଗ୍ରାମ ରାସ୍ତାରେ ରାଜୀ ଶବର ନାମକ ବ୍ୟକ୍ତି ସ୍କୁଟି ଯୋଗେ ମଦ ନେଇ ଆସୁଥିବା ବେଳେ ଅବକାରୀ ଟିମକୁ ଦେଖି ଗାଡି ଛାଡି ଦୌଡ଼ି ପଳାଇଥିଲା । ସେଠାରୁ ୪୦ ଲିଟର ମଦ ସମେତ ସ୍କୁଟି ଜବତ କରାଯାଇଥିଲା । ସେହିପରି ଅପରାହ୍ନରେ କୌଣସି ସୂତ୍ରରୁ ଖବର ପାଇ ନାବୁଣୀ ବଜାର ନିକଟରୁ ବସ ଯୋଗେ ଚାଲାଣ ହେବାକୁ ଥିବା ୧୨୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀ ବାବୁଲି ସ୍ୱାଇଁକୁ ଗିରଫ କରିଥିଲେ । ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ।

କୋରାପୁଟରୁ ନନ୍ଦନକାନନ ଆସିଲେ ତିନି ଭାଲୁ

ବାରଙ୍ଗ,(ସବୁ୍ୟ): କୋରାପୁଟର ବୋରିଗୁମା ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଟିଏ ମା' ଭାଲୁ ଓ ତା'ର ଦୁଇ ଛୁଆ। ଗୁରୁବାର ରାତିରେ ନନ୍ଦନକାନନରେ ପହଞ୍ଚିଛନ୍ତି । ତିନି ଜୀବଙ୍କ ଏହି ନୂଆ ଯାତ୍ରା ଏବେ ଏକ ଭିନ୍ନ ମାନବୀୟ କାହାଣୀ ପାଲଟିଛି ।କୋରାପୁଟ ବନଖଣ୍ଡ ଅଧୀନ ବୋରିଗୁମା ଅଞ୍ଚଳରେ ମା' ଓ ଦୁଇ ଛୁଆଙ୍କ ଉପସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଥିଲେ । ଭାଲୁଙ୍କ ଚଳପ୍ରଚଳ ଯୋଗୁଁ ସନ୍ଧ୍ୟା ହେଲେ ଲୋକେ କବାଟ ବନ୍ଦ କରି ଘର ଭିତରେ ରହୁଥିଲେ । ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସମ୍ଭାବ୍ୟ ସଂଘର୍ଷକୁ ଏଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ତିନି ଭାଲୁଙ୍କୁ ସ୍ୱତନ୍ତ୍ର ଯନ୍ତ୍ର। ସହାୟତାରେ ଉଦ୍ଧାର କରାଯାଇଥିଲା ।ଉଦ୍ଧାର ପରେ ସେମାନଙ୍କୁ ଅଧିକ ଯନି ଓ ଚିକିତ୍ସା ପାଇଁ ନବରଙ୍ଗପୁର ବନଖଣ୍ଡକୁ ହସ୍ତାନ୍ତର କରାଯାଇଥିଲା । ନବରଙ୍ଗପୁର ବନଖଣ୍ଡର ଚାରିଜଣିଆ ଟିମ ଏକ ସଓ୍ୱତନ୍ତ୍ର ଗାଡ଼ିରେ ତିନି ଭାଲୁଙ୍କୁ ନନ୍ଦନକାନନ ଆଣିଥିଲେ ।ନନ୍ଦନକାନନରେ ପହଞ୍ଚିବା ପରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତିନି ଭାଲୁଙ୍କ ସଓ୍ୱାସ୍ଥ୍ୟ ସାଧାରଣତଃ ଠିକ ଥିବା ଜଣାପଡ଼ିଥିଲେ ମଧ୍ୟ ଦୀର୍ଘ ଯାତ୍ରା ଯୋଗୁଁ ସେମାନେ ସାମାନ୍ୟ ଥକ୍କା ଅନୁଭବ କରୁଛନ୍ତି । ତେଣୁ ସେମାନଙ୍କୁ ନନ୍ଦନକାନନର ଆଇସୋଲେସନ କ୍ୱାରେଣ୍ଟାଇନରେ ରଖାଯାଇଛି ।

ହିଣ୍ଡାଲକୋ ହୀରାକୁଦ ତରଫରୁ

ମହିଳା ସଶକ୍ତି କରଣ ଉପଲକ୍ଷେ ବିଦ୍ୟୁତ ଚଳିତ ସିଲେଇ ମେଶିନ ବଣ୍ଟନ

ଭୁବନେଶ୍ୱର (ସବୁ୍ୟ): ହିଣ୍ଡାଲକୋ ହୀରାକୁଦ ଦ୍ୱାରା ମହିଳା ସଶକ୍ତି କରଣ ପାଇ ଆରମ୍ଭ ହୋଇଥିବା ସମଲେଶ୍ୱରୀ ଗାର୍ମେଂଟ ଷ୍ଟିଚିଙ୍ଗ କେନ୍ଦ୍ର ମାଧ୍ୟମ ରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗୃହିଣୀ ମାନଙ୍କ ପାଇ ଦ୍ୱିତାଯ ପର୍ଜାୟରେ ବିଦ୍ୟୁତ ଚଳିତ ଆଧୁନିକ ସିଲେଇ ମେଶିନ ସହ ଭାଗୀତାରେ ବଣ୍ଟନ କରାଗଲା। ଏହି ଅବସର ରେ ମୁଖ୍ୟ ଅତିଥି ହିଣ୍ଡାଲକୋ ହୀରାକୁଦ ର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ଉପସ୍ଥିତରେ ସମଲେଶ୍ୱରୀ ଗାର୍ମେଂଟ ଷ୍ଟିଚିଙ୍ଗ କେନ୍ଦ୍ର ର ସମସ୍ତ ମହିଳା ମାନଙ୍କୁ ସେମାନଙ୍କର ଉନ୍ନତି କାମନା କରିବା ସହ ଅତି ଶୀଘ୍ର ବହୁ ପରିମାଣର ପୋଷାକ ଉତ୍ପାଦନ କରି ଉପାର୍ଜନ କ୍ଷମ ହେବ ପାଇ ପରାମର୍ଶ ଦେଇଥିଲେ । ଏହି ସମାହାର ହିଣ୍ଡାଲକୋ ହୀରାକୁଦର ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ସୁମିତ ମୁଖାର୍ଜୀ ଏହି ପରି ମହିଳା ସଶକ୍ତି କରଣ କାର୍ଯ୍ୟକର୍ମ ହାତକୁ ନେଇଥିବା ହେତୁ ହିଣ୍ଡାଲକୋର ପାରିପାଶ୍ୱିକ ଉନ୍ନୟନ ବିଭାଗକୁ ସାଧୁବାଦ ଜଣେଇଥିଲେ । ଏହି ପ୍ରୋଜେକ୍ଟ ମାଧ୍ୟମରେ ପ୍ରାୟ ୧୫୦ ଜଣ ମହିଳା ହୀରାକୁଦ ଅଞ୍ଚଳ ରୋଜଗାର କ୍ଷମ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ହୀରାକୁଦ ଅଞ୍ଚଳର ୨୨ ଜଣ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟୁତ ଚାଳିତ ଆଧୁନିକ ସିଲେଇ ମେଶିନ ସହଭାଗୀତ ରେ ପ୍ରଧାନ କରାଯାଇଥିଲା



ଯେଉମାନେ କି ନିଜ ଘରେ ରହି ଘର କାମ ସହ ସିଲେଇ କରି ଉପାର୍ଜନ କ୍ଷମ ହୋଇପାରିବେ । ଏହା ପୂର୍ବରୁ ୩୨ ଜଣ ମହୀଳଙ୍କୁ ବିଦ୍ୟୁତ ଚାଳିତ ଆଧୁନିକ ସିଲେଇ ମେଶିନ ଦିୟା ଯାଇଥିଲା ଉଦବୋଧନ ଦେଇ କହିଥିଲେ ହିଣ୍ଡାଲକୋ ହୀରାକୁଦ ସ୍ୱାସ୍ଥ୍ୟ, ଶିକ୍ଷା, ଏବଂ ଜୀବିକା ଉପାର୍ଜନ କାର୍ଯ୍ୟକର୍ମ କରିଚାଲିଛି ଏବଂ ଆପଣମାନେ ଏହାକୁ ଆଗକୁ ନିଅନ୍ତୁ ଏବଂ ରୋଜଗାର କ୍ଷମ ହୁଅନ୍ତୁ ଆମେ ଆପଣଙ୍କର ସାଥିରେ ଅଛୁ । ସମଲେଇ ମାନୁଫାକ୍ଚରର୍ସ ପ୍ରୋଡ୍ୟୁସର କମ୍ପାନୀର ସଦସ୍ୟା ମାନେ ହିଣ୍ଡାଲକୋ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣକୁ ପ୍ରଂଶା କରିବାସହ ଏହାଦ୍ୱାରା ଅଞ୍ଚଳର ମହିଳାମାନଙ୍କର ଆର୍ଥିକ ଉନ୍ନତି ହେବ ବୋଲି ପ୍ରକାଶ କରିଥିଲେ ।

ବେଆଇନ୍ ଖଣିରେ ଚଢଉ; ୧୨ ଗାଡି, ପ୍ରୋକଲିନ୍ ଜବତ୍

ଖୋର୍ଦ୍ଧା, (ସବୁ୍ୟ): ସଦର ଥାନା ଅଂଚଳରେ ଚାଲିଥିବା ବେଆଇନ ଗ୍ରାନାଇଟ୍ ଖଣି ରେ ପୁଲିସ ଓ ଖଣି ବିଭାଗ ପକ୍ଷରୁ ଚଢଉ କରାଯାଇ ୧୨ଟି ପଥର ବୋଝେଇ ଗାଡି ଓ ଗୋଟିଏ ପ୍ରୋକଲିନ ମେସିନ କୁ ଜବତ କରାଯାଇଛି । ଏନେଇ ଥାନା ରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ବେଆଇନ ଗ୍ରାନାଇଟ୍ ଖଣି ଉତୋଳନ ହେଉଥିବା ନେଇ ଅଭିଯୋଗ ହେଉଥିଲା । ଅଭିଯୋଗ ଆଧାରରେ ଚଢଉ ଲାଗି ଏସପିଙ୍କ ନିର୍ଦ୍ଦେଶକ୍ରମେ ଖଣି ବିଭାଗ ଓ ସଦର ଥାନା ପୁଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଗତକାଲି ରାତିରେ ଚାଲୁଥିବା ବେଆଇନ ଗ୍ରାନାଇଟ ଖଣିରେ ଅତର୍କିତ ଚଢଉ କରିଥିଲେ। ପୁଲିସ ଚଢଉ ଦେଖି ଖଣି ମାଫିଆମାନେ ରାତିର ସୁଯୋଗ ନେଇ ଗାଡି ଓ ମେସିନ୍ ଛାଡି ଛତ୍ରଭଙ୍ଗ ଦେଇଥିବାବେଳେ ଘଟଣାସ୍ଥଳରୁ ପୁଲିସ ୧୨ଟି ହାଇୱା ଓ ଏକ ପ୍ରୋକଲିନ୍ ମେସିନ କୁ ଜବତ କରିଛି । ପୁଲିସ ଓ ଖଣିବିଭାଗ ର ଏଭଳି ଚଢଉ ଫଳରେ ଖଣି ମାଫେିଆଙ୍କ ଭିତରେ ଛନକା ପସିଥିବାବେଳେ ଏ ଚଢଉ ଆଗକୁ ଜାରୀ ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଓ ନୂତନ ପୋର୍ଟାଲର ଶୁଭାରମ୍ଭ

କଟକ, (ସବୁ୍ୟ): ଜିଲ୍ଲା ପ୍ରଶାସନ ପକ୍ଷରୁ କଟକସ୍ଥିତ ଶହୀଦ ଭବନଠାରେ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଏବଂ "ଏକୀକୃତ ପେନସନ ପରିଚାଳନା ପୋର୍ଟାଲ(ୟୁପିଏମପି)" ର ଶୁଭାରମ୍ଭ ହୋଇଛି । ରାଜ୍ୟରେ ୫ ଲକ୍ଷ ରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀ ଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ କଟକ ଜିଲ୍ଲାରେ ୩୬ ହଜାର ୫୦ ଜଣ ହିତାଧିକାରୀ ଏହି ଭତ୍ତା ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଗଣଶିକ୍ଷା, ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିବା ସହ ସମାଜର ଅସହାୟ, ନିରାଶ୍ରୟ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବ

ବାଂଲାଦେଶରେ ହିଂସାର ନିଆଁ, ବୋମାମାଡ଼

ଶେକ୍ ହସିନାଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଜଳୁଛି ଢ଼ାକା



ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଯୋଜନାକୁ ନେଇ ଦେଶରେ ପୁଣି ରାଜନୈତିକ ଅସ୍ଥିରତା ଦେଖାଦେଇଛି। ଗତ କିଛି ସପ୍ତାହ ଧରି ଢାକା ସମେତ ଗାଜିପୁର, ଗୋପାଳଗଞ୍ଜ, ଶରିୟତପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ବୋମାମାଡ଼, ଗାଡ଼ି ପୋଡ଼ାଜଳା ଓ ରାସ୍ତା ଅବରୋଧ ଭଳି ଘଟଣା ବଢ଼ିବାରେ ଲାଗିଛି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି ସରକାର।ଗୁରୁବାର (୧୨ ନଭେମ୍ବର) ମଧ୍ୟରାତ୍ରିରେ ଜାତୀୟ ନାଗରିକ ପାର୍ଟି (ଏନ୍ବିପି)ର ସଂରକ୍ଷିତ ମହିଳା ଆସନର ସାଂସଦ ନୁସରତ ତବସ୍ସୁମ୍ଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି। ଆୱାମୀ ଲିଗ୍ କର୍ମୀମାନେ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଭାରତରେ ନିର୍ବାସନ ଜୀବନ ବିତାଉଥିବା ୭୯ ବର୍ଷୀୟା ହସିନା ଆସନ୍ତା ଡିସେମ୍ବରରେ ଦେଶକୁ ଫେରିବାକୁ ଯୋଜନା କରୁଛନ୍ତି। ୨୦୨୪ ଅଗଷ୍ଟ ୫ରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହେବା ପରଠାରୁ ସେ ଭାରତରେ ରହୁଛନ୍ତି। ଗତବର୍ଷ ନଭେମ୍ବରରେ ମାନବତା ବିରୋଧୀ ଅପରାଧ ମାମଲାରେ ତାଙ୍କୁ ମୃତ୍ୟୁଦଣ୍ଡ ମଧ୍ୟ ଶୁଣାଯାଇଛି। ସେପଟେ ତାଙ୍କ ପ୍ରତ୍ୟର୍ପଣ ପାଇଁ ଢାକା ଭାରତ ନିକଟରେ ଦାବି କରିଆସୁଛି।ଅନ୍ୟପକ୍ଷରେ ପୋଷାକ କାରଖାନା ଶ୍ରମିକଙ୍କ ମଜୁରି ବୃଦ୍ଧି ଦାବିରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଛି। ମାସିକ ସର୍ବନିମ୍ନ ମଜୁରି ୧୨,୫୦୦ ଟାକାରୁ ୩୦ ହଜାର ଟାକାକୁ ବୃଦ୍ଧି କରିବାକୁ ଶ୍ରମିକମାନେ ଦାବି କରୁଛନ୍ତି। ଅକ୍ଟୋବର ଶେଷ ଓ ନଭେମ୍ବର ଆରମ୍ଭରେ ଢାକା, ଗାଜିପୁର ଓ ସାଭରରେ ପ୍ରଦର୍ଶନ ତୀବ୍ର ହୋଇଥିଲା। ବାଂଲାଦେଶୀ କର୍ତ୍ତୃପକ୍ଷ ସାମ୍ପ୍ରତିକ ହିଂସାକାଣ୍ଡ ପାଇଁ ନିଷିଦ୍ଧ ଆୱାମୀ ଲିଗ୍ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକୁ ଦାୟୀ କରିଛନ୍ତି। ଆୱାମୀ ଲିଗ୍ର ସମର୍ଥକମାନେ ଦେଶରେ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୦ ତାରିଖରେ ଢାକାର କାଲାବାଗାନ ବସ୍ ଷ୍ଟାଣ୍ଡ ନିକଟରେ ଅନେକ ଦେଶୀ ବୋମା ବିସ୍ଫୋରଣ ହୋଇଥିବା ରିପୋର୍ଟ ହୋଇଥିଲା। ପୁଲିସ ପରେ ଚାରି ଜଣଙ୍କୁ ଗିରଫ କରିଥିଲା ଓ ୧୩ଟି ବିସ୍ଫୋରକ ଉପକରଣ ଜବତ କରିଥିଲା। ନଭେମ୍ବର ୧ ରୁ ୮ ମଧ୍ୟରେ ଢାକାରେ ଅତି କମରେ ୧୫ଟି ଦେଶୀ ବୋମା ବିସ୍ଫୋରଣ ଘଟିଥିବା ରିପୋର୍ଟ କରାଯାଇଛି। ନଭେମ୍ବର ୭ ରୁ ୯ ମଧ୍ୟରେ ୨୭ ଟି ସ୍ଥାନରେ ୯ ଟି ବସ୍ ପୋଡ଼ି ଦିଆଯାଇଥିଲା ଓ ବିସ୍ଫୋରଣ ଘଟିଥିଲା। ନଭେମ୍ବର ୯ ଓ ୧୦ ରେ ସାରା ଦେଶରେ ପୋଡ଼ାଜଳା ଓ ଦେଶୀ ବୋମା ବିସ୍ଫୋରଣ ସହିତ ଅତିକମ୍ରେ ୨୨ ଟି ଘଟଣା ରିପୋର୍ଟ ହୋଇଛି। ଏହି ଆକ୍ରମଣ ପାଇଁ ଅନେକ ଆହତ ଓ ଗିରଫ ହୋଇଛନ୍ତି। ଫରିଦପୁରରେ ପାର୍କିଂ ହୋଇଥିବା ଏକ ବସ୍ରେ ନିଆଁ ଲଗାଇ ଦିଆଯିବାରୁ ଜଣେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।ନଭେମ୍ବର ୧ ରୁ ୭ ମଧ୍ୟରେ ଦେଶୀ ବୋମା ବିସ୍ଫୋରଣ ଘଟଣାରେ ୨୧ ଜଣଙ୍କୁ ଗିରଫ କରାଯାଇଥିଲା। ବିଭିନ୍ନ ମାମଲାକୁ ନେଇ ଏପର୍ଯ୍ୟନ୍ତ ଆୱାମୀ ଲିଗ ସହିତ ଜଡିତ ୮୯୮ ଜଣଙ୍କୁ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ସରକାର ପାଇଁ ଏହା ଏକ ବଡ଼ ଆହ୍ୱାନ ପାଲଟିଛି। ଆୱାମୀ ଲିଗ୍ରୁ ହିଂସା ପାଇଁ ଦାୟୀ କରୁଛନ୍ତି କର୍ତ୍ତୃପକ୍ଷ। ତେବେ ରାଜନୈତିକ ଅସନ୍ତୋଷ ସହ ଆର୍ଥିକ ସମସ୍ୟା ମଧ୍ୟ ଦେଶର ଅଶାନ୍ତିକୁ ଅଧିକ ତୀବ୍ର କରୁଛି।

ଟ୍ରମ୍ପ-ନେତାନ୍ୟାହୁ ବାକ୍ ଯୁଦ୍ଧ



ୱାଶିଂଟନ: ଇରାନ ବିରୋଧରେ ଯୁଦ୍ଧ ପାଇଁ ଭବିଷ୍ୟତ ରଣନୀତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ଧରି ଦୁଇ ନେତାଙ୍କ ମଧ୍ୟରେ ଫୋନ୍ ଆଲୋଚନା ଉଷ୍ମ ବିତର୍କରେ ପରିଣତ ହୋଇଛି। ଏହା ଇରାନ ପ୍ରତି ଆମେରିକା ଏବଂ ଇସ୍ରାଏଲୀ ରଣନୀତି ଉପରେ ଉଭୟଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ କରିଛି।ଇସ୍ରାଏଲୀ ସମ୍ବାଦ ସଂସ୍ଥା ୱାଇନେଟ୍ ଏବଂ ୱେଡିୟଟ ଆରେହନାଥ ରିପୋର୍ଟ କରିଛନ୍ତି ଯେ, ନେତାନ୍ୟାହୁ ଟ୍ରମ୍ପଙ୍କ ଉପରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ଚାପ ପକାଇଥିଲେ। ମାତ୍ର ଟ୍ରମ୍ପ ତେହେରାନ ସହିତ ଚାଲିଥିବା ଶାନ୍ତି ଆଲୋଚନା ଆଗକୁ ବଢ଼ିବା ଉପରେ ଜୋର୍ ଦେଇଥିଲେ।ରିପୋର୍ଟ ଅନୁଯାୟୀ, ନେତାନ୍ୟାହୁ ଆମେରିକାକୁ ଇରାନ ଉପରେ ଆକ୍ରମଣ ପୁଣି ଆରମ୍ଭ କରିବାକୁ ଏବଂ ସେଠାରେ ଶାସନ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାକୁ ଲଗାତାର ଅନୁରୋଧ କରିଆସୁଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ ସାମରିକ କାର୍ଯ୍ୟାନୁଷ୍ଠାନ ପୁନଃ ଆରମ୍ଭ କରିବା ସପକ୍ଷରେ ନାହାନ୍ତି। ସେ ଇରାନ ଉପରେ ଆର୍ଥିକ ଚାପ ବଜାୟ ରଖିବାକୁ ଏବଂ କୂଟନୈତିକ ଆଲୋଚନା କରିବାକୁ ଚାହୁଁଛନ୍ତି।ଉଭୟ ଗଣମାଧ୍ୟମ,ଆଲୋଚନାକୁ ଅତ୍ୟନ୍ତ ଉଷ୍ମ ବୋଲି ବର୍ଣ୍ଣନା କରିଛନ୍ତି, ଏହାକୁ 'ସାଉଟିଙ୍ଗ ମ୍ୟାଚ୍ ଫ୍ରମ୍ ହେଲ୍' ବୋଲି କହିଛନ୍ତି। ତେବେ ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀ ଦୁଇ ନେତାଙ୍କ ମଧ୍ୟରେ ସପ୍ତାହାନ୍ତ ଆଲୋଚନାକୁ ନିଶ୍ଚିତ କରିଛନ୍ତି କିନ୍ତୁ କୌଣସି ମୁହାଁମୁହିଁ ହେବାର କଥାକୁ ଅସ୍ୱୀକାର କରିଛନ୍ତି। ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଆଲୋଚନା ସମୟରେ ଝଗଡ଼ାର ରିପୋର୍ଟକୁ ଖଣ୍ଡନ କରି ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ଖବର ବୋଲି କହିଛି।

୩ ଦିନରେ ସୁନା ୪୮୦୦ ଟଙ୍କା କମିଲା

ମୁମ୍ବାଇ ପାର୍ବଣ ଋତୁରେ ସୁନା ଓ ରୁପା ଦରରେ ଯେଉଁ ହ୍ରାସର ଧାରା ଆରମ୍ଭ ହୋଇଥିଲା, ତାହା ଏବେବି ବଜାୟ ରହିଛି। ନିୟମିତ ସୁନା ଦର ହ୍ରାସ ପାଉଛି। ବିଗତ ୩ ଦିନରେ ଭୁବନେଶ୍ୱରରେ ସୁନା ଓ ରୁପା ଯଥେଷ୍ଟ ଶସ୍ତା ହୋଇଛି। ଏହି ୩ ଦିନରେ ୨୨ କ୍ୟାରେଟ୍ ସୁନା ୪,୪୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ୪୮୦୦ ଟଙ୍କା ଶସ୍ତା ହୋଇଛି। ବଜାର ତଥ୍ୟ ଅନୁଯାୟୀ, ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦର ୨୦୦୦ ଟଙ୍କା ହ୍ରାସ ପାଇ ୧,୨୮,୫୦୦ ଟଙ୍କାକୁ ଖସିଆସିଛି। ସେହିପରି, ୨୪ କ୍ୟାରେଟ୍ ସୁନା ଦର ୨୧୮୦ ଟଙ୍କା କମ୍ ହୋଇ ୧,୩୯,୮୦୦ ଟଙ୍କାରେ ପହଞ୍ଚିଛି। ବହୁଦିନ ପରେ ରୁପା କେଜି ମଧ୍ୟ ୨ ଲକ୍ଷ ଟଙ୍କା ସ୍ତରକୁ ହ୍ରାସ ପାଇଛି। ରୁପା ଦର ପ୍ରାୟତଃ ଅଧିକାଂଶ ଦିନ ସ୍ଥିର ଥିଲା। ଚଳିତ ମାସ ୪ରେ ସେଥିରେ ୧୦ ହଜାର ଟଙ୍କାର ବୃଦ୍ଧି ହୋଇଥିଲା। କିନ୍ତୁ ନଭେମ୍ବର ୬ ଓ ୧୧ରେ ସେଥିରେ ୫୦୦୦ ଟଙ୍କା ଲେଖାଏଁ ହ୍ରାସ ଘଟିଥିବାରୁ ଦରବୃଦ୍ଧିର ସେହି ପ୍ରଭାବ ସମ୍ପୂର୍ଣ୍ଣ ଦୂର ହୋଇଥିଲା।

ମୋଦୀ ମୋ ଗୁଜରାଟୀ ବନ୍ଧୁ: ପିତ୍ରୋଡା

ନୂଆଦିଲ୍ଲୀ: ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ ପିତ୍ରୋଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି। ପିତ୍ରୋଡା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କର ଗୁଜରାଟୀ ବନ୍ଧୁ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଗୁଜରାଟୀ ବନ୍ଧୁ ଏବଂ ତାଙ୍କ ସହିତ କୌଣସି ବ୍ୟକ୍ତିଗତ ମତଭେଦ ନାହିଁ। ସେ ଗୁଜରାଟରେ ତାଙ୍କ ଘରକୁ ମଧ୍ୟ ଯାଇଛନ୍ତି। କଂଗ୍ରେସ ନେତା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ତାଙ୍କର କୌଣସି ଅଭିଯୋଗ ନାହିଁ ଏବଂ ମୋଦୀ ତାଙ୍କ ପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର କରିଛନ୍ତି। ପିତ୍ରୋଡା କହିଛନ୍ତି, ମୁଁ ତାଙ୍କୁ ଜଣେ ବ୍ୟକ୍ତି ଭାବରେ ସମ୍ମାନ କରେ। ମୋ ସ୍ତ୍ରୀ ଏବଂ ମୁଁ ତାଙ୍କୁ ଭେଟିଛୁ। ବ୍ୟକ୍ତିଗତ ସ୍ତରରେ ସେ ସର୍ବଦା ମୋତେ ବହୁ ଉଷ୍ମତା ଭାବ, ଦୟା, ପ୍ରେମ ଏବଂ ସ୍ନେହ ଦେଖାଇଛନ୍ତି। ସେ ନିସନ୍ଦେହରେ ଜଣେ ଭଲ ବକ୍ତା ଏବଂ ଜଣେ ପରିଶ୍ରମୀ ବ୍ୟକ୍ତି। ଆମ ମଧ୍ୟରେ ଏକ ଭଲ ସମ୍ପର୍କ ଅଛି।

ଏନଟିଏ ପରୀକ୍ଷା କେନ୍ଦ୍ରରେ ମୁତୟନ ହେବେ ସେନା ଅଧିକାରୀ



ନୂଆଦିଲ୍ଲୀ: ଦେଶରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ଅନିୟମିତତା ଅଭିଯୋଗ ପରେ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍ଟିଏ) ନିଜର ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଣିକି ବିଭିନ୍ନ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷାର ସ୍ୱଚ୍ଛତା ଓ ସୁରକ୍ଷା ନିଶ୍ଚିତ କରିବାକୁ ପରୀକ୍ଷା କେନ୍ଦ୍ରରେ ଅବସରପ୍ରାପ୍ତ ସେନା ଓ ଅର୍ଦ୍ଧସାମରିକ ବାହିନୀ ଅଧିକାରୀ, ଅବସରପ୍ରାପ୍ତ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯିବ।ଏଥିପାଇଁ ଏନ୍ଟିଏ ଦେଶବ୍ୟାପୀ ଏକ ସ୍ଥାୟୀ ପର୍ଯ୍ୟବେକ୍ଷକ ଦଳ ଗଠନ କରିବାକୁ ଯୋଜନା କରିଛି। ଏହି ଦଳରେ ଅବସରପ୍ରାପ୍ତ ସେନା ଓ ଅର୍ଦ୍ଧସାମରିକ ବାହିନୀ ଅଧିକାରୀଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଓ ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ, ପ୍ରଫେସରଙ୍କୁ ସାମିଲ କରାଯିବ। ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ପରୀକ୍ଷା କେନ୍ଦ୍ରରେ ପ୍ରାର୍ଥୀଙ୍କ ପରିଚୟ ଯାଞ୍ଚ, ଆସନ ବ୍ୟବସ୍ଥା, ପ୍ରଶ୍ନପତ୍ର ବଣ୍ଟନ ଓ ସଂଗ୍ରହ, ସିସିଟିଭି ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବେ।କୌଣସି ଅନିୟମିତତା ଦେଖିଲେ ସିଧାସଳଖ ଏନ୍ଟିଏକୁ ଜଣାଇବେ। ନିଟ୍, ଜେଇଇ, ୟୁଜିସି-ନେଟ୍ ଓ ସିୟୁଇଟି ଭଳି ପରୀକ୍ଷାରେ ଏହି ବ୍ୟବସ୍ଥା ଲାଗୁ ହେବ। ଏଥିସହ ପରୀକ୍ଷା କେନ୍ଦ୍ର ପାଇଁ ମଧ୍ୟ ଯୋଗ୍ୟ ସଂସ୍ଥାଗୁଡ଼ିକଠାରୁ ଆବେଦନ ଆହ୍ୱାନ କରାଯାଇଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ପରେ ପରୀକ୍ଷା ବ୍ୟବସ୍ଥାରେ ବିଶ୍ୱସନୀୟତା ଫେରାଇ ଆଣିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

୭୦୦ ମିଟର ତଳକୁ ଖସିଲା ଯାତ୍ରୀବାହୀ ଗାଡ଼ି; ୧୦ ମୃତ, ୫ ଆହତ

କାଠମାଣ୍ଡୁ: ନେପାଳର ପାହାଡ଼ିଆ ରାସ୍ତାରେ ଗୁରୁବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ଗାଡ଼ିଟି ରାସ୍ତାରୁ ନିୟନ୍ତ୍ରଣ ହରାଇ ପ୍ରାୟ ୭୦୦ ମିଟର ତଳକୁ ଖସିପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ନେପାଳର ମକୱାନପୁର ଜିଲ୍ଲା ଅନ୍ତର୍ଗତ ଭିମଫେଦି ଅଞ୍ଚଳର ଚିସାପାନି ଗଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିଟି କାଠମାଣ୍ଡୁରୁ ସରଲାହି ଅଭିମୁଖେ ଯାଉଥିବାବେଳେ ପାହାଡ଼ିଆ ରାସ୍ତାରେ ଭାରସାମ୍ୟ ହରାଇ ଗଭୀର ଖାଇକୁ ଖସିପଡ଼ିଥିଲା। ଏଥିରେ ମୋଟ ୧୫ ଜଣ ଯାତ୍ରୀ ଥିଲେ।ଦୁର୍ଘଟଣା ପରେ ସ୍ଥାନୀୟ ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।



ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ନେପାଳରେ ଏବେ ତିହାର ପର୍ବ ପାଳନ ହେଉଥିବାରୁ ଅନେକ ଲୋକ ନିଜ ଘରକୁ ଯାତ୍ରା କରୁଛନ୍ତି। ଏହି ସମୟରେ ଏଭଳି ଦୁର୍ଘଟଣା ଦେଶରେ ଶୋକର ଛାୟା ଖେଳାଇ ଦେଇଛି।

ଇନଡୋନେସିଆ ଉପରାଷ୍ଟ୍ରପତିଙ୍କ ସ୍କୁଲ ସାର୍ଟିଫିକେଟ୍ ଜାଲ୍

କୋର୍ଟ ଭର୍ତ୍ସନା ପରେ ଦେଲେ ଇସ୍ତଫା

ଜାକର୍ତ୍ତା: ବେଳେବେଳେ ଏକ ଛୋଟ ପ୍ରମାଣ ପତ୍ର ମଧ୍ୟ ବଡ଼ ରାଜନୈତିକ କ୍ୟାରିଅର ଆଗରେ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଇଣ୍ଡୋନେସିଆରେ ଏଭଳି ପରିସ୍ଥିତି ଦେଖାଦେଇଛି। ଉପରାଷ୍ଟ୍ରପତି ଜିବ୍ରାନ ରାକାବୁମିଙ୍ଗ ରାକାଙ୍କୁ ତାଙ୍କ ପଦବିରୁ ଇସ୍ତଫା ଦେବାକୁ ପଡ଼ିଛି। କାରଣ ନିର୍ବାଚନୀ ପରାଜୟ କିମ୍ବା ଦୁର୍ନୀତି ଅଭିଯୋଗ ନୁହେଁ, ବରଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସହ ଜଡିତ ଏକ ପ୍ରମାଣପତ୍ର। କୋର୍ଟଙ୍କ ରାୟ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛି, ତାଙ୍କ ପଦବୀକୁ ବିପଦରେ ପକାଇଛି। ଏହି ଘଟଣା ଦେଶର ରାଜନୀତିରେ ଏକ ନୂତନ ବିବାଦ ସୃଷ୍ଟି କରିଛି। ୩୯ ବର୍ଷୀୟ ଜିବ୍ରାନ



ପୂର୍ବତନ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ପୁଅ। ସେ ରାଷ୍ଟ୍ରପତି ପ୍ରାବୋଓ ସୁବିୟାଣ୍ଟୋଙ୍କ ସହ ୨୦୨୪ ନିର୍ବାଚନରେ ବିଜୟୀ ହେବା ପରେ ଉପରାଷ୍ଟ୍ରପତି ପଦ ସମ୍ଭାଳିଥିଲେ। ତାଙ୍କର ନିଯୁକ୍ତି ଏବଂ ନିର୍ବାଚନ ଲଢ଼ିବା ପାଇଁ ଯୋଗ୍ୟତା ପୂର୍ବରୁ ବିବାଦରେ ଫସି ରହିଥିଲା। ଏବେ ସୁପ୍ରିମକୋର୍ଟ ଏବଂ ସାମ୍ବିଧାନିକ ଅଦାଲତଙ୍କ ରାୟ ଏହି ବିବାଦକୁ ଆହୁରି ବଢ଼ାଇଦେଇଛି। ଏହି ମାମଲା ଦର୍ଶାଉଛି ଯେ, ଗୋଟିଏ ଭୁଲ୍ ସମଗ୍ର କ୍ୟାରିୟରକୁ ନଷ୍ଟ କରିପାରେ। ଜିବ୍ରାନଙ୍କ ଜାଲ୍ ପ୍ରମାଣପତ୍ର ଯୋଗୁଁ ତାଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ହରାଇବାକୁ ପଡ଼ିଛି।

ଡେଲ୍ ଟେକ୍ନୋଲୋଜିଜର ନୂଆ ଲାପଟପ୍ ଲଞ୍ଚ

ନୂଆଦିଲ୍ଲୀ: ଡେଲ୍ ଟେକ୍ନୋଲୋଜିଜ୍ ଭାରତରେ ନୂଆ ଲାପଟପ୍ ଡେଲ୍ ୧୪ଏସ୍ ଲଞ୍ଚ କରିଛି।ଇଣ୍ଟେଲ୍ କୋର୍ ୫ ଓ କୋର୍ ୭ ସିରିଜ୍ ୩ ପ୍ରୋସେସର ସହ ଆସୁଥିବା ଏହି ଲାପଟପରେ ୧୭ ଟ« କ୍ଷମତାବିଶିଷ୍ଟ ଏନପିୟୁ ରହିଛି । ଗୋଟିଏ ଚାର୍ଜରେ ୨୧ ଘଣ୍ଟା ପର୍ଯ୍ୟନ୍ତ ବ୍ୟାଟେରୀ ବ୍ୟାକଅପ୍ ଦେବା ସହ ଏହା ଚାରୋଟି ରଙ୍ଗରେ ଉପଲବ୍ଧ ହେବ । ଛାତ୍ରଛାତ୍ରୀ ଓ ଯୁବ ବୃତ୍ତିଜୀବୀଙ୍କୁ ଦୃଷ୍ଟିରେ ରଖି ଏହାକୁ ଡିଜାଇନ୍ କରାଯାଇଛି । ଲାପଟପର ପ୍ରାରମ୍ଭିକ ମୂଲ୍ୟ ୭୯,୯୯୦ ଟଙ୍କା ରହିଛି ।

ଇସ୍ତଫା ଦେଲେ ଏନଭିଡିଆ ସିଇଓ

ୱାଶିଂଟନ: ଦୁଇ ଜଣ ମହିଳାଙ୍କ ସହ ପରକୀୟା ପ୍ରୀତି ଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଚାପରେ ଥିବା ଆମେରିକାର ପ୍ରମୁଖ ଚିପ୍ କମ୍ପାନୀ ଏନଡିଡିଆର ସିଇଓ ଜେନସେନ୍ ହୁଆଙ୍ଗ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଜେନସେନଡି ସ୍ଥାନରେ କମ୍ପାନିର କାର୍ଯ୍ୟନିର୍ବାହୀ ଉପସଭାପତି ତଥା ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍ଓ) କୋଲେଟ୍ କ୍ରେସକୁ ଅନ୍ତରାଣ ସିଇଓ ଭାବେ ନିଯୁକ୍ତ କରାଯାଇଛି। ଜଣେ ସ୍ଥାୟୀ ସିଇଓ ନିଯୁକ୍ତ ହେବା ପର୍ଯ୍ୟନ୍ତ କ୍ରେସ୍ ଏହି ପଦରେ କାର୍ଯ୍ୟ କରିବେ। ସ୍ଥାୟୀ ସିଇଓ ଚୟନ କାର୍ଯ୍ୟ ବୋର୍ଡ ଆରମ୍ଭ କରିଛି। ଏଥିପାଇଁ ଉଭୟ କମ୍ପାନି ଭିତର ଓ ବାହାରର



ପ୍ରାର୍ଥୀଙ୍କୁ ବିଚାରକୁ ନିଆଯିବ ବୋଲି କୁହାଯାଇଛି। ଏନଡିଆର ସଭାପତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବୋର୍ଡର ସଦସ୍ୟ ପଦରୁ ଜେନସେନ୍ ତତ୍କାଳ ଇସ୍ତଫା ଦେଇଛନ୍ତି ବୋଲି ନିର୍ଦ୍ଦେଶକ ମଣ୍ଡଳୀ ଘୋଷଣା କରିଛି। କମ୍ପାନି ପ୍ରତି ଜେନସେନଙ୍କୁ ବଳିଷ୍ଠ ଯୋଗଦାନ ରହିଛି। ଏନଡିଆକୁ ସେ ବିଶ୍ୱର ଅତ୍ୟତମ ପ୍ରଭାବଶାଳୀ ପ୍ରଯୁକ୍ତି କମ୍ପାନିରେ ପରିଣତ କରିଛନ୍ତି।

କେଜରିୱାଲଙ୍କୁ ବିସ୍ଫୋଇ ଗ୍ୟାଙ୍ଗର ହତ୍ୟା ଧମକ



ନୂଆଦିଲ୍ଲୀ: ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଲରେନ୍ସ ବିସ୍ଫୋଇ ଗ୍ୟାଙ୍ଗ ପକ୍ଷରୁ ହତ୍ୟା ଧମକ ଦିଆଯିବା ସହ ୭ କୋଟି ଟଙ୍କାର ଦାଦାବଟି ଦାବି କରାଯାଇଥିବା ଅଭିଯୋଗ ହୋଇଛି। ଆପ୍ ବିଧାୟକ ଜରନୈଲ ସିଂହ ପୁଲିସ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ନିଜକୁ ବିସ୍ଫୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ପରିଚୟ ଦେଇଥିବା ଜଣେ ବ୍ୟକ୍ତି ଦାବି ମୁତାବକ ଅର୍ଥ ନମିଳିଲେ କେଜ୍ରିୱାଲ ଏବଂ ତାଙ୍କ ଝିଅ ହର୍ଷିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛି।ଦିଲ୍ଲୀର ତିଳକ ନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଜରନୈଲ ସିଂହଙ୍କ ନିକ

ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ: ଶ୍ରୀଜାଙ୍କ ତଥା ଟପ୍ ଟଚ୍ଚର ଟାଟାନଗର ଅଞ୍ଚଳରେ ଚାରୋଟି ସ୍ୱର୍ଣ୍ଣ ସମେତ ୭ ପଦକ ଜିତିଲା ଓଡ଼ିଶା

ଜୁଟ୍‌ପୁର(ଜାମସେଦପୁର),୨୭।୧୧(ସମୟ ପ୍ରତିନିଧି): ଟାଟାନଗର ଆଉଟଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶା ୭ ପଦକ ଜିତି ଚମତ୍କାର ପ୍ରଦର୍ଶନ କରିଛି । ଏଥିରେ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୧ଟି ବ୍ରୋଞ୍ଜ ପଦକ ରହିଛି । ଏହି ପ୍ରତିଯୋଗିତାରେ ୨୨ଟି ରାଜ୍ୟର ପ୍ରାୟ ୧୫୦୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଦଳର ଅଧିକାଂଶ ଖେଳାଳି ୪୦ ବର୍ଷରୁ ଅଧିକ ବୟସର ଥିବା ବେଳେ ସେମାନେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଛନ୍ତି ।

ପୁରୁଷ ବିଭାଗ ଏକ ଚମତ୍କାର ଲଢ଼େଇରେ ୧୧-୨୨, ୨୨-୨୨ ଓ ୨୨-୧୮ ସେଟରେ ଜିତି ଚମତ୍କାର ପ୍ରଦର୍ଶନ କରିଛନ୍ତି । ଏହି ଜୟ ସହିତ ସେମାନେ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଦଳରେ ଥିବା ଖେଳାଳିମାନେ ହେଲେ ଶ୍ରୀଜାଙ୍କ ଦାସ, ଦେବାଶିଷ ମହାନ୍ତି, ଅଜୟ ଦାସ, ଅଜୟ ମହାନ୍ତି, ଅଜୟ ମହାପାତ୍ର